بِسۡمِ اللّٰہِ الرَّحۡمٰنِ الرَّحِیۡمِ   نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ   وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 5

ସଂଖ୍ୟା 13

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

www.akhbarbadarqadian.in

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

26 ମାର୍ଚ୍ଚ 2020 | 26 ଅମାନ୍ 1399 ହି.ଶ | 01 ଶାବାନ୍ 1441 ହି.କ


## ଅଲ୍ଲାଃ ତାଲାଙ୍କ ବାଣୀ

كُلُّ نَفۡسٍ ذَآئِقَۃُ الۡمَوۡتِ ؕ وَاِنَّمَا تُوَفَّوۡنَ اُجُوۡرَکُمۡ یَوۡمَ الۡقِیٰمَۃِ ؕ فَمَنۡ زُحۡزِحَ عَنِ النَّارِ وَاُدۡخِلَ الۡجَنَّۃَ فَقَدۡ فَازَ ؕ وَمَا الۡحَیٰوۃُ الدُّنۡیَاۤ اِلَّا مَتَاعُ الۡغُرُوۡرِ ○

(آل عمران:186)

ଅନୁବାଦ- ପ୍ରତ୍ୟେକ ପ୍ରାଣୀକୁ ମୃତ୍ୟୁର ସ୍ୱାଦ ଆସ୍ୱାଦନ କରିବାକୁ ପଡ଼ିବ ଏବଂ ତୁମମାନଙ୍କୁ କେବଳ, କୟାମତ ଦିନ ହିଁ ତୁମମାନଙ୍କ (କର୍ମର) ସମ୍ପୁର୍ଣ୍ଣ ପୁରସ୍କାର' ଦିଆଯିବ ; ସୁତରାଂ ଯାହାକୁ ନରକାଗ୍ନି ଠାରୁ ଦୂରେଇ ରଖାଯିବ ଓ ବୈକୁଣ୍ଠରେ ପ୍ରବେଶ କରାଯିବ ସେ ହିଁ କୃତକାର୍ଯ୍ୟ ହେବ; ଏବଂ ପାର୍ଥିବ ଜୀବନ (ର ସାମଗ୍ରୀ) କେବଳ ପ୍ରତାରଣାଦାୟକ ଅସ୍ଥାୟୀ ସାମଗ୍ରୀ ଅଟେ ।

*(ଆଲେ ଇମରାନ୍: ୧୮୬)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ·ବ] କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ·ବ] ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ·ବ] ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦ୍ଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥

**ଯେଉଁ ବ୍ୟକ୍ତି ନିଜର ଖରାପ ଚରିତ୍ରକୁ ପରିବର୍ତ୍ତନ କରିବାକୁ ଚାହୁଁଥାଏ ତା'ପାଇଁ ଏହା ଜରୁରୀ ଯେ, ସେ ସଚ୍ଚା ହୃଦୟ ଏବଂ ଦୃଢ଼ ମନୋବଳ ସହିତ ତୌବାଃ କରୁ । ଏକଥା ମଧ୍ୟ ମନେରଖିବା ଉଚିତ ଯେ ତୌବାଃ କରିବାପାଇଁ ତିନୋଟି ସର୍ତ୍ତ ରହିଛି, ତାହାକୁ ପୁରଣ କରିବା ବିନା ତୌବାତୁନ୍ ନସୁହ୍ ଅର୍ଥାତ ସଚ୍ଚା ତୌବାଃ ହାସଲ ହୁଏ ନାହିଁ ।**

## ହଜରତ ମସିହ ମଉଦ[ଆ.ସ] ଙ୍କ ନୀତି ବାଣୀ

### ତୌବାଃ ପାଇଁ ତିନୋଟି ସର୍ତ୍ତ

ତୌବାଃ ହେଉଛି ବାସ୍ତବରେ ଚରିତ୍ର ଗଠନ କରିବାପାଇଁ ବହୁତ ବଡ଼ ସାଧନ ଓ ସାହାଯ୍ୟକାରୀ ବସ୍ତୁ ଏବଂ ଏହା ମଣିଷକୁ ସମ୍ପୁର୍ଣ୍ଣ କରିଦିଏ, ଅର୍ଥାତ ଯେଉଁ ବ୍ୟକ୍ତି ନିଜର ଖରାପ ଚରିତ୍ରକୁ ପରିବର୍ତ୍ତନ କରିବାକୁ ଚାହୁଁଥାଏ ତା'ପାଇଁ ଏହା ଜରୁରୀ ଯେ, ସେ ସଚ୍ଚା ହୃଦୟ ଏବଂ ଦୃଢ଼ ମନୋବଳ ସହିତ ତୌବାଃ କରୁ । ଏକଥା ମଧ୍ୟ ମନେରଖିବା ଉଚିତ ଯେ ତୌବାଃ କରିବାପାଇଁ ତିନୋଟି ସର୍ତ୍ତ ରହିଛି, ତାହାକୁ ପୁରଣ କରିବା ବିନା ତୌବାତୁନ୍ ନସୁହ୍ ଅର୍ଥାତ ସଚ୍ଚା ତୌବାଃ ହାସଲ ହୁଏ ନାହିଁ ।

ଏହି ତିନୋଟି ସର୍ତ୍ତାବଳୀ ମଧ୍ୟରୁ ପ୍ରଥମ ସର୍ତ୍ତ ଯାହାକୁ ଆରବୀ ଭାଷାରେ **ଇକ୍‌ଲାଅ** କୁହାଯାଏ । ଏହାର ଅର୍ଥ ହେଉଛି ସେହି ସମସ୍ତ ଖରାପ ଧାରଣାକୁ ଦୂର କରି ଦିଆଯାଉ ଯାହା ସେହି ଖରାପ ଗୁଣର ସାଧନ ହୋଇଥାଏ । ଅସଲ କଥା ହେଉଛି ଏହା କି ଭାବନା/କଳ୍ପନାର ପ୍ରଭାବ ବହୁମାତ୍ରାରେ ପଡ଼ିଥାଏ କାରଣ କର୍ମର ପରିଧି ଭିତରକୁ ଆସିବା ପୂର୍ବରୁ ପ୍ରତ୍ୟେକ କର୍ମ ଏକ କଳ୍ପନା ଆକାରରେ ରହିଥାଏ । ଅତଃ ତୌବାଃ ପାଇଁ ପ୍ରଥମ ସର୍ତ୍ତ ହେଉଛି ଏହା କି ସେହି ସମସ୍ତ ଖରାପ ଧାରଣା ଓ ଖରାପ ମନୋଭାବକୁ ପରିତ୍ୟାଗ କରାଯାଉ । ଉଦାହରଣ ସ୍ୱରୁପ ଯଦି ଜଣେ ବ୍ୟକ୍ତି କୌଣସି ମହିଳା ସହିତ ଅନୈତିକ ସମ୍ପର୍କ ରଖିଥାଏ ତେବେ ତାକୁ ତୌବାଃ କରିବାପାଇଁ ଏହା ପ୍ରଥମେ ଜରୁରୀ ଅଟେ ଯେ ତା'ର ରୂପକୁ ଖରାପ ବୋଲି ବିବେଚନା କରୁ ଏବଂ ତା'ର ସମସ୍ତ ନିଚ ପ୍ରକୃତିକୁ ମନ ଭିତରେ ଆଣୁ କାରଣ ଯେମିତି ମୁଁ ଏବେ କହିସାରିଛି ଯେ ମନୋଭାବ / କଳ୍ପନାର ପ୍ରଭାବ ବହୁତ ଦୃଢ଼ ହୋଇଥାଏ । ମୁଁ ସୁଫିମାନଙ୍କ ତଜ୍‌କରା (ଜୀବନୀ ପୁସ୍ତକ)ରେ ପଢ଼ିଛି ଯେ ସେମାନେ ଭାବନାକୁ ଏତେ ମାତ୍ରାରେ ପହଂଚାଇ ଦେଇଛନ୍ତି ଯେ ମନୁଷ୍ୟକୁ ମାଙ୍କଡ଼ ବା ଘୁଷୁରୀ ରୂପରେ ଦେଖିଛନ୍ତି । ଏହାର ଉଦ୍ଦେଶ୍ୟ ହେଉଛି ଏପରି କି ଜଣେ ଯେଉଁ ପ୍ରକାରର କଳ୍ପନା କରିଥାଏ ସେ ସେହି ପ୍ରକାରର ଆଚରଣ କରିଥାଏ । ସୁତରାଂ ଯେଉଁ ମନୋଭାବ ଦ୍ୱାରା ହୀନ ଓ ତୁଚ୍ଛ କର୍ମ ପରିଲିକ୍ଷିତ ହୋଇଥାଏ ତାହାର ମୁଳୋତ୍ପାଟନ କରାଯାଉ । ଏହା ହେଉଛି ପ୍ରଥମ ସର୍ତ୍ତ ।

ଦ୍ୱିତୀୟ ସର୍ତ୍ତ ହେଉଛି **ନଦମ୍** ଅର୍ଥାତ ଲଜ୍ଜା ଓ ଗ୍ଲାନି ଅନୁଭବ କରିବା । ପ୍ରତ୍ୟେକ ଲୋକର ଅନ୍ତରାତ୍ମା ନିଜ ଭିତରେ ଏ ଶକ୍ତି ରଖିଛି ଯେ, ସେ ତାକୁ ପ୍ରତ୍ୟେକ ଖରାପ କାର୍ଯ୍ୟ ପ୍ରତି ସାବଧାନ କରାଇଥାଏ କିନ୍ତୁ ଅଭାଗା ମଣିଷ ତାକୁ ଏମିତି ଛାଡ଼ି ଦେଇଥାଏ । ସୁତରାଂ ପାପ ଓ କୁକର୍ମରୁ ସେ ପଶ୍ଚାତାପ କରୁ ଓ ଏକଥା ଭାବୁ ଯେ ଏହି ସମସ୍ତ ସୁଖ ଓ ଆନନ୍ଦ ହେଉଛି ଅସ୍ଥାୟି ଓ ଅଳ୍ପ କିଛି ଦିନ ପାଇଁ । ପୁଣି ସେ ଏହା ମଧ୍ୟ ଭାବୁ ଯେ ପ୍ରତ୍ୟେକ ଥର ଏହି ସୁଖ ଓ ମଜା କମ୍ ହୋଇ ଚାଲିଛି । ଏପରି କି, ବୃଦ୍ଧାବସ୍ଥାରେ ପହଂଚିବା ପରେ ତା'ର ଅଙ୍ଗପ୍ରତ୍ୟେଙ୍ଗ ଓ ଶକ୍ତି ବେକାର ଓ ଦୃବଳ ହୋଇଯିବ । ପରିଶେଷରେ ଏହି ସମସ୍ତ ସାଂସାରିକ ସୁଖକୁ ଛାଡ଼ିବାକୁ ହେବ । ତେଣୁ ଯଦି ନିଜ ଜୀବନକାଳ ଭିତରେ ଏହି ସବୁ କଥା ଶେଷ ହୋଇଯିବ ତେବେ ସେ ସବୁକୁ ଆପଣେଇବାରେ କ'ଣ ମିଳିବ ? ବଡ଼ ସୌଭାଗ୍ୟବାନ ବ୍ୟକ୍ତି ସେ ଯିଏ ତୌବାଃ କରିବାକୁ ଚାହୁଁଛି ଓ ସେ ପ୍ରଥମେ **ଇକ୍‌ଲାଆ** ମନୋଭାବ ସୃଷ୍ଟି କରୁ ଅର୍ଥାତ ସମସ୍ତ ପ୍ରକାରର ଖରାପ ମନୋଭାବର ମୁଳୋତ୍ପାଟନ କରୁ । ଯେତେବେଳେ ଏହି ଅସନା ଓ ଅପବିତ୍ର ବସ୍ତୁ ବାହାରି ଚାଲିଯିବ ତା'ପରେ ସେ ପୁଣି ଏଥିପ୍ରତି ଲଜ୍ଜା ଅନୁଭବ କରି ନିଜ କର୍ମପାଇଁ ପଶ୍ଚାତାପ କରୁ ।

ତୃତୀୟ ସର୍ତ୍ତ ହେଉଛି **ଅଜମ୍** । ଅର୍ଥାତ ଆସନ୍ତାକୁ ଦୃଢ଼ ପ୍ରତିଜ୍ଞା କରୁ ଯେ, ପୁଣି ଏହି ସବୁ କୁକର୍ମଗୁଡ଼ିକ ପ୍ରତି ଆକୃଷ୍ଟ ହେବି ନାହିଁ । ଯେବେ ସେ ପଶ୍ଚାତାପ କରିବ ସେତେବେଳେ ଅଲ୍ଲାଃ ତାଲା ତାକୁ ସଚ୍ଚା ତୌବାଃ କରିବାପାଇଁ ଶକ୍ତି ପ୍ରଦାନ କରିବ ଏପରି କି, ସେହି ସମସ୍ତ ଖରାପ କର୍ମଗୁଡ଼ିକୁ ତା'ଠାରୁ ସମ୍ପୁର୍ଣ୍ଣରୂପେ ଅପସରି ଯାଇ ତା ସ୍ଥାନରେ ସୁଚରିତ୍ର ଓ ପ୍ରଶଂସନୀୟ କର୍ମ ଚାଲି ଅଧିଗ୍ରହଣ କରିଥାଏ, ଏହା ହେଉଛି ଚରିତ୍ର ଉପରେ ବିଜୟ । ସେଥିରେ ଶକ୍ତି ପ୍ରଦାନ କରିବା ହେଉଛି ଅଲ୍ଲାଃଙ୍କ କାର୍ଯ୍ୟ, କାରଣ ସେ ହେଉଛନ୍ତି ସମସ୍ତ ଶକ୍ତି ଓ ବଳର ମାଲିକ । ଯେମିତି କହିଲେ । **ଇନ୍ନଲ୍ କୁଓ୍ୱତା ଲିଲ୍ଲାହି ଯମିଆ** (ଅଲ୍‌ବକ୍‌ରାଃ : ୧୬୬)

ସମସ୍ତ ଶକ୍ତି ଓ ସାମର୍ଥ୍ୟ ଅଲ୍ଲାଃ ତାଲାଙ୍କ ପାଇଁ ଉଦ୍ଦିଷ୍ଟ । ମନୁଷ୍ୟର ମୁଳଦୁଆ ଅତି ଦୃବଳ ତେଣୁ ସେ ଦୃବଳ ଅଟେ । **ଖୁଲିକଲ୍ ଇନ୍‌ସାନା ଜଇଫା** (ନିସା: ୨୯) ହେଉଛି ତାହାର ବାସ୍ତବିକ ସ୍ୱରୁପ ତେଣୁ ଖୁଦାତାଲାଙ୍କଠାରୁ ଶକ୍ତି ପାଇବା ପାଇଁ ଉପରୋକ୍ତ ତିନୋଟିଯାକ ସର୍ତ୍ତାବଳୀ ପୁରଣ କରି ମଣିଷ ଅଳସୁଆମି ଓ ଅବହେଳାକୁ ପରିତ୍ୟାଗ କରୁ ଏବଂ ସର୍ବଦା ତତ୍ପରତା ସହିତ ଖୁଦାତାଲାଙ୍କଠାରୁ ଦୁଆ (ପ୍ରାର୍ଥନା) ମାଗୁ ଯଦ୍ୱାରା ଅଲ୍ଲାଃ ତାଲା ଚରିତ୍ରକୁ ପରିବର୍ତନ କରିଦେବ ।

*(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୧୧୯ ରୁ ୧୨୦ ପ୍ରକାଶନ ୨୦୧୮ କାଦିୟାନ)*

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ଆପଣମାନଙ୍କୁ ବତାଇ ଦେଉଛି । ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅଙ୍କ ପୁସ୍ତକମାନ, ଭାଷଣଗୁଡ଼ିକ ଏବଂ ତକ୍‌ରିର୍ ଗୁଡ଼ିକରେ ଗ୍ରନ୍ଥାବଳୀ **ଅନ୍‌ୱାରୁଲ୍ ଉଲୁମ୍** ନାମରେ ଛପାଯାଇଅଛି । ବହୁତ ଗୁଡ଼ିଏ ଖଣ୍ଡ ପ୍ରକାଶ ହୋଇସାରିଲାଣି । ଯେଉଁମାନେ ଉର୍ଦ୍ଦୁ ପଢ଼ିବା ଜାଣିଛନ୍ତି, ସେମାନେ ତାହାକୁ ପଢ଼ିବା ଉଚିତ । କିଛି ପୁସ୍ତକଗୁଡ଼ିକର ଇଂରାଜୀ ଅନୁବାଦ ମଧ୍ୟ କରାଯାଉଅଛି । ବର୍ତମାନ ଅନ୍‌ୱାରୁଲ୍ ଉଲୁମ୍ (ଗ୍ରନ୍ଥର) ୨୬ଟି ଖଣ୍ଡ ପ୍ରକାଶ ହୋଇସାରିଛଇ । ସେହି ୨୬ ଟି ଖଣ୍ଡରେ ମୋଟ ୬୭୦ ଟି ପୁସ୍ତକ ଲେକ୍‌ଚର ଏବଂ ଭାଷଣଗୁଡ଼ିକ ପ୍ରକାଶ ପାଇସାରିଛି । ଖୁତ୍‌ବାତେ ମହ୍‌ମୁଦ୍ ର ଏ ପର୍ଯ୍ୟନ୍ତ ମୋଟ ୩୯ ଖଣ୍ଡ ପ୍ରକାଶ ହୋଇ ସାରିଲାଣି । ସେଥିରେ ୧୯୫୯ ମସିହା ପର୍ଯ୍ୟନ୍ତ ଖୁତ୍‌ବାଃ ଛପା ସରିଛି । ଏହି ଖଣ୍ଡ ଗୁଡ଼ିକର ୨୩୬୭ ଟି ଖୁତ୍‌ବା ସାମିଲ ଅଛି । ତଫ୍‌ସିର୍ ସଗୀର୍ ୧୦୭୧ ପୃଷ୍ଠା ସମ୍ବଳିତ । ତଫ୍‌ସିର୍ କବୀର୍ ୧୦ ଖଣ୍ଡ ବିଶିଷ୍ଟ ସେଥିରେ ପବିତ୍ର କୋରାନ୍‌ର ୫୯ଟି ସୁରାଃ ର ତଫ୍‌ସିର୍ (ବ୍ୟାଖ୍ୟା) ବର୍ଣ୍ଣନା କରାଯାଇଅଛି । ତଫ୍‌ସିର୍ କବୀର୍‌ର ଦଶଗୋଟି ଖଣ୍ଡର ମୋଟ ପୃଷ୍ଠାର ସଂଖ୍ୟା ହେଉଛି ୫୯୦୭ । ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅଙ୍କ ଯେଉଁ ନରସୁଲ୍ କୁର୍‌ଆନ୍ ଥିଲା ତାହା ଅପ୍ରକାଶିତ ତଫ୍‌ସିର୍ ଥିଲା ତାହା ସବୁକୁ ରିସର୍ଚ୍ଚ ସେଲ୍ କମ୍ପୋଜ୍ କରିବା ପରେ ଫଜଲ୍ ଉମର୍ ଫାଉଣ୍ଡେଶନ୍‌ଙ୍କୁ ଅର୍ପଣ କରିସାରିଛନ୍ତି । ତାହାର ପୃଷ୍ଠା ସଂଖ୍ୟା ହେଉଛି ୩୦୯୪ । ତା'ପରେ ମୁଁ ଏବେ ରିସର୍ଚ୍ଚ ସେଲ୍‌କୁ କହିଥିଲି ଯେ ହଜ୍‌ରତ୍ ମୁସ୍‌ଲେହ୍ ମଉଦଙ୍କ ଲେଖା ଓ ନିର୍ଦ୍ଦେଶାବଳୀରୁ ତଫ୍‌ସିରେ କୁର୍‌ଆନ୍ (କୁର୍‌ଆନ୍‌ର ବ୍ୟାଖ୍ୟା) ଏକତ୍ରିତ କରାଯାଉ । ତା'ପରେ କାମ ଆରମ୍ଭ କରାଗଲା । ଏ ପର୍ଯ୍ୟନ୍ତ ୯୦୦୦ (ନଅ ହଜାର) ପୃଷ୍ଠା ସମ୍ବଳିତ ତଫ୍‌ସିର୍ ନିଆସାରିଛି ଓ ଆଗକୁ ଏଥିରେ କାମ ଚାଲିଛି ।

ଏହା ତ ତାଙ୍କ କିର୍ତୀର ସଂକ୍ଷିପ୍ତ ଅନୁଶୀଳନ କିନ୍ତୁ ଏହି ଅନୁଶୀଳନକୁ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍ ରହେମୁଲ୍ଲାଃ ତାହା ନିଜ ସମୟରେ ମଧ୍ୟ ନିଜର ଏକ ଖୁତ୍‌ବାରେ ଥରେ ବର୍ଣ୍ଣନା କରିଥିଲେ । ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍ ରହେମୁଲ୍ଲାଃ ତାଲାଙ୍କ ସେହି କଥନଟିକୁ ମୁଁ ଏଠାରେ ପାଠ କରୁଅଛି । ସେ କହୁଛନ୍ତି ଯେ:-

ଖୁଦାତାଲା ହଜ୍‌ରତ୍ ମୁସ୍‌ଲେହ୍ ମଉଦ ର:ଅଙ୍କ ସମ୍ବନ୍ଧରେ କହିଥିଲେ ଯେ ''ସେ ଅନ୍ତଃଜ୍ଞାନ ଓ ବାହ୍ୟଜ୍ଞାନର ପରିପୂର୍ଣ୍ଣ ହେବେ ସେ ପୁଣି କହୁଛନ୍ତି ଯେ ମୁଁ ବହୁତ ଗୁଡ଼ିଏ ବିବରଣୀ ଏକତ୍ରୀତ କରିଥିଲି କିନ୍ତୁ ବର୍ତମାନ ମୁଁ କେବଳ ଦୁଇଟି ନକ୍ସା ହିଁ ଉପସ୍ଥାପନ କରିପାରିବି ଯାହାକୁ ମୁଁ ଏହି ଉଦ୍ଦେଶ୍ୟ ପାଇଁ ପ୍ରସ୍ତୁତ କରାଇଛି । ତାହା ହେଉଛି ଏପରି କି ହଜୁରଙ୍କ ଗୋଟିଏ ତଫସିର୍ ହେଉଛି ତଫ୍‌ସିର୍ କବୀର୍ ତାହା ସ୍ୱୟଂ ଏତେ ଆଶ୍ଚର୍ଯ୍ୟମୁଳକ ତଫ୍‌ସିର୍ କି ଯଦି କୌଣସି ବ୍ୟକକ୍ତି ଏହାକୁ ଧ୍ୟାନ ଦେଇ ତା'ର ଗୋଟିଏ ଭାଗକୁ ପଢ଼ିଥିବ ସେ ଏକଥା ସ୍ୱୀକାର କରିବାପାଇଁ ବାଧ୍ୟ ହେବ ଯେ ଯଦି ଦୁନିଆରେ କୌଣସି ଈଶ୍ୱର ଭକ୍ତ ଜନ୍ମ ହୋଇଥାନ୍ତା ଓ ସେ କେବଳ କୁର୍‌ଆନ୍ କରିମ୍‌ର ଏହି ଭାଗକୁ ତାର ତଫ୍‌ସିର୍ ନୋଟ୍ ଦେଇ ପ୍ରକାଶ କରିଦେଇଥାନ୍ତା ତେବେ ଏହା ତାକୁ ସଂସାର ସମ୍ମୁଖରେ ମହାନ୍ ବ୍ୟକ୍ତିଗଣଙ୍କ ମଧ୍ୟରେ ଜଣେ ବ୍ୟକ୍ତି ରୂପେ ବନାଇଦେବାକୁ ଯଥେଷ୍ଟ ଥିଲା । କିନ୍ତୁ ଏତିକିରେ ରହିନାହାନ୍ତି । ପବିତ୍ର କୁର୍‌ଆନ୍ ଉପରେ ଆହୁରି ଅନେକ ପୁସ୍ତକ ରଚନା କରିଛନ୍ତି । ମୋ ମତରେ ହଜୁର୍ କେବଳ ପବିତ୍ର କୋରାନ୍‌ର ବ୍ୟାଖ୍ୟା କରି ଆଠ ଦଶ ହଜାର ପୃଷ୍ଠା ଲେଖିଛନ୍ତି । ତଫ୍‌ସିର୍ କବୀର୍‌ର ଏଗାର ଖଣ୍ଡ ପୁସ୍ତକ ମଧ୍ୟ ସେଥିରେ ସାମିଲ୍ ଅଛି । କଲାମ୍ ଉପରେ ହଜୁର୍ ଦଶଟି ପୁସ୍ତକ ଏବଂ ପ୍ରତ୍ରିକା ଲେଖିଛନ୍ତି । ଆଧାତ୍ମିକତା, ଇସ୍‌ଲାମୀୟ ଚରିତ୍ର ଏବଂ ଇସ୍‌ଲାମୀୟ ଆସ୍ଥା/ବିଶ୍ୱାସ ଉପରେ ୩୧ ଟି ପୁସ୍ତକ ଓ ପତ୍ରିକା ରଚନା କରିଛନ୍ତି । ଜୀବନ ଚରିତ ଓ ଆତ୍ମଜୀବନୀ ଉପରେ ଆଧାରିତ ୧୩ ଟି ପୁସ୍ତକ ଓ ପତ୍ରିକା ଲେଖିଛନ୍ତି । ଇତିହାସ ଉପରେ ଚାରୋଟି ପୁସ୍ତକ ରଚନା କରିଛନ୍ତି । ଫିକାଃ ଉପରେ ତିନୋଟି ପୁସ୍ତକ ଲେଖିଛନ୍ତି । ଦେଶ ବିଭାଜନ ପୂର୍ବରୁ ରାଜନିତୀ ଉପରେ ୨୫ଟି ପୁସ୍ତକ ରଚନା କରିଛନ୍ତି । ଭାରତ ବିଭାଜନ ପରେ ପାକିସ୍ତାନ ନିର୍ମାଣ ହେବାପରେ ଏଥି ସମ୍ବନ୍ଧର ନଅଟି ପୁସ୍ତକ ରଚନା କରିଛନ୍ତି । କାଶ୍ମୀର ପ୍ରସଙ୍ଗ ଉପରେ ପନ୍ଦରଟି ପୁସ୍ତକ ଓ ପତ୍ରିକା ରଚନା କରିଛନ୍ତି । ଅହ୍‌ମଦିୟତ ଆନ୍ଦୋଳନର ବିଶେଷ ପ୍ରସଙ୍ଗ ଉପରେ ଶହେରୁ ଏକ କମ ପୁସ୍ତକ ଓ ପ୍ରତ୍ରିକା ରଚନା କରିଛନ୍ତି ଅର୍ଥାତ ଅନେଶତଟି । ଏହି ସମସ୍ତ ପୁସ୍ତକ ଓ ପ୍ରତ୍ରିକାର ସମାହାର ୨୨୫ । ହଜୁର କହୁଛନ୍ତି ସେତେବେଳେ ବୋଧ ହୁଏ ଖଲିଫା ସାଲିସ୍‌ଙ୍କୁ ସମ୍ପୁର୍ଣ୍ଣ ସୁଚନା ଓ ବିବରଣୀ ନିଆଯାଇନଥିବ । ଏବେ ଅଧିକ ସୂଚନା ରହିଛି ଯେମିତି କି ମୁଁ ପ୍ରଥମେ ବର୍ଣ୍ଣନା କରିସାରିଛି । ସେ ଯାହା ହେଉ ସେ କହୁଛନ୍ତି:- ତେବେ ଯେମିତି ସ୍ୱର୍ଗବାଣୀରେ କୁହାଯାଇଥିଲା ଯେ ସେ ଅନ୍ତଃଜ୍ଞାନ ଓ ବାହ୍ୟଜ୍ଞାନରେ ପରିପୂର୍ଣ୍ଣ ହେବେ । ତା' ଉପରେ ଆଖି ଦଉଡ଼ାଇଲେ, ତାଙ୍କଠାରେ ବାହ୍ୟଜ୍ଞାନ ଓ ଅନ୍ତଃଜ୍ଞାନ ମିଳୁଥିଲା । ମଜାର କଥା ହେଉଛି ଏହା କି ଯେବେ ମଧ୍ୟ ସେ କୌଣସି ପୁସ୍ତକ ବା ପ୍ରତ୍ରିକା ରଚନା କରିଛନ୍ତି, ପ୍ରତ୍ୟେକ ବ୍ୟକ୍ତି ଏକଥା କହିଛନ୍ତି ଯେ ଏହାଠାରୁ ଉତମ ଲେଖା ଯାଇ ପାରିବ ନାହିଁ । ରାଜନିତୀରେ ଯେବେ ସେ ନେତୃତ୍ୱ ନେଲେ ବା ଯେବେ ମଧ୍ୟ ସେ ରାଜନୀତି ସମ୍ବନ୍ଧୀୟ ନେତୃତ୍ୱପୂର୍ଣ୍ଣ ପରାମର୍ଶ ଦେଇଛନ୍ତି, ବଡ଼ ବଡ଼ ବିରୋଧିମାନେ ମଧ୍ୟ ଆପଣ ର:ଅଙ୍କ ଅନୁପମ ଯୋଗ୍ୟତାକୁ ସ୍ୱୀକାର କରିବାକୁ ବାଧ୍ୟ ହୋଇଛନ୍ତି । ଅତଃ ହଜୁରଙ୍କ ବାହ୍ୟଜ୍ଞାନ ଓ ଅନ୍ତଃଜ୍ଞାନରେ ପରିପୂର୍ଣ୍ଣ ହେବା ସମ୍ବନ୍ଧରେ ଏକ ବଡ଼ ବିବରଣୀ ରହିଛି । ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍ ରହେମୁଲ୍ଲାଃ କହୁଛନ୍ତି ଯେ ତାହାର ଏକ ହଜାର ଭାଗରୁ ଏକ ଭାଗ ପର୍ଯ୍ୟନ୍ତ ମୁଁ ପହଂଚି ପାରିବି ନାହିଁ । କେବଳ ଗୋଟିଏ ଛୋଟିଆ ଉପୁରିଆ ବିଷୟ ଆପଣମାନଙ୍କ ସମ୍ମୁଖରେ ରଖି ଦେଲି । ପୁଣି ଏଠାରେ ମୁଁ ଏହାକୁ ଶେଷ କରୁଅଛି । *(ମାସିକ ଅନ୍‌ସାରୁଲ୍ଲାଃ ହଜରତ୍ ମୁସ୍‌ଲେହ୍ ମଉଦ ନମ୍ବର ମଇଜୁନ୍‌ଜୁଲାଇ ୨୦୦୯ ପୃ-୬୪-୬୫)*

ଅଲ୍ଲାଃଙ୍କର ହଜାର ହଜାର କରୁଣା ଆପଣ ର:ଅଙ୍କ ଉପରେ ଅବତୀର୍ଣ୍ଣ ହେଉ ଏବଂ ପ୍ରତିକ୍ଷଣ ଅଲ୍ଲାଃ ତାଲା ଆପଣଙ୍କ ପଦମର୍ଯ୍ୟାଦାକୁ ଉଚ୍ଚତର କରିଚାଲନ୍ତୁ ଏବଂ ଆମେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସେହି ପୁତ୍ରଙ୍କ ଭଳି ଇସ୍‌ଲାମ୍‌ର ପ୍ରକାଶ ହେବାର ବେଦନାକୁ ନିଜ ହୃଦୟ ଭିତରେ ମଧ୍ୟ ଜନ୍ମାଇବାବାଲା ହେବା ଉଚିତ ଏବଂ ଇସ୍‌ଲାମ୍‌ର ସେବା ନିମନ୍ତେ ଆମେ ସର୍ବଦା ଅଂଟା ଭିଡ଼ିବା ଏବଂ ସେହି ଲୋକମାନଙ୍କ ମଧ୍ୟରେ ସାମିଲ୍ ହେବା ଯେଉଁମାନେ ସେବା କରୁଛନ୍ତି । ସେମାନଙ୍କ ମଧ୍ୟରେ ସାମିଲ୍ ହେବା ନାହିଁ ଯେଉଁମାନଙ୍କ ସମ୍ବନ୍ଧରେ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ କହିଥିଲେ ଯେ **''ତୁମମାନଙ୍କ ସମୟରେ ଏହି ସିଲ୍‌ସିଲା ବଦ୍‌ନାମ ନ ହେଉ''** *(କଲାମେ ମେହ୍‌ମୁଦ୍ ପୃ-୯୭)*

ଅଲ୍ଲାଃ ତାଲା ଏହା ନ କରନ୍ତୁ ଯେ ଆମେ ଏ ସିଲ୍‌ସିଲାକୁ ବଦ୍‌ନାମ୍ କରିବା ବରଂ ଖିଦ୍‌ମତ୍ (ସେବାକାର୍ଯ୍ୟ)ରେ ଆଗକୁ ଆଗକୁ ବଢ଼ିବାବାଲା ହେବା ।

ଏହାପରେ ହଜୁର ଅନଓ୍ୱର ମୋହ୍‌ତରମା ମରିୟମ୍ ଏଲିଜାବେଥ୍ ସାହିବା ପତ୍ନୀ ମୋହତରମ୍ ମଲକ୍ ଉମର୍ ଅଲୀ ଖୋଖର୍ ସାହେବ୍ ମୁଲ୍‌ତାନ୍‌ର ରଇସ୍ ଏବଂ ପୂର୍ବତନ ଅମୀର ଯମାତ୍ ମୁଲ୍‌ତାନ୍ ଏବଂ ଅଜିଜ୍ ଜାହିଦ୍ ଫାରିସ୍ ଅହେମଦ୍ (ୱାକିଫେ ନୌ)ଙ୍କ ଦେହାନ୍ତ । ମୃତକମାନଙ୍କର ସୁଗୁଣାବଳୀର ଚର୍ଚ୍ଚା ଏବଂ ନାମଜ ଯନାଜାଃ ଗାଏବ୍ ପାଠ କଲେ

⌘⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୦୭ ର ଅବଶିଷ୍ଟାଂଶ ......*

ଲୋକଙ୍କ ସହିତ ଗଲି ପୁଣି ମୁଁ ଏକ ପାଣିଥିବା ସ୍ଥାନରେ ପହଂଚିଲି ସେଠାରେ ମୁଁ ଗୋଟିଏ ଭାଙ୍ଗି ଯାଇଥିବା ଟେଂଟ ଦେଖିଲି ତାହା ଗୋଟିଏ ପଟକୁ ନଇଁ ଯାଇଥିଲା ଓ ପବନର ଗତି ତାକୁ ଦୋହଲାଇ ଦେଉଥିଲା । ମୁଁ ପଚାରିଲି ଏହି ଟେଂଟଟି କାହାର ଲୋକମାନେ କହିଲେ ଯେ, ଏହା ହେଉଛି ହଜ୍‌ରତ୍ ମହମ୍ମଦ ବିନ୍ ମୁସ୍‌ଲେମା ଅନ୍‌ସାରୀ ର:ଅଙ୍କ ଟେଂଟ ମୁଁ ସେଠାରେ ଯାଇ ଦେଖିଲି ଯେ, ସେ ଜଣେ ବୃଦ୍ଧ ବ୍ୟକ୍ତି ଅଟନ୍ତି ମୁଁ ତାଙ୍କୁ କହିଲି ଅଲ୍ଲାଃ ଆପଣଙ୍କ ଉପରେ ଦୟା କରନ୍ତୁ ମୁଁ ଦେଖୁଛି ଯେ, ଆପଣ ମୁସଲମାନମାନଙ୍କ ମଧ୍ୟରୁ ଜଣେ ଉତମ ବ୍ୟକ୍ତି ଅଟନ୍ତି । ଆପଣ ନିଜର ସହର, ନିଜ ଘର, ନିଜ ସ୍ତ୍ରୀ ପିଲା ଏବଂ ନିଜ ପଡ଼ୋଶୀମାନଙ୍କୁ ଛାଡ଼ି ଦେଇଛନ୍ତି । ଏଥିରେ ସେ କହିଲେ ଯେ, ଏହା ସବୁକିଛି ମୁଁ ଦୁଷ୍ଟାମିକୁ ଘୃଣା କରିବାଯୋଗୁଁ ଛାଡ଼ିଦେଇଛି । *(ତବକାତୁଲ୍ କୁବ୍‌ରା..... ଖଣ୍ଡ-୩, ପୃ-୩୩୯ ବେରୁତ ୧୯୯୦)* ତାଙ୍କ ଦେହାନ୍ତ ସମ୍ବନ୍ଧରେ ମତଭେଦ ରହିଛି ଯେ, ତାହା କେବେ ହୋଇଥିଲା ? କେଉଁ ରିଓ୍ୱାୟତରେ ୪୫ ତ ଆଉ କେଉଁ ରିଓ୍ୱାୟତରେ ୪୬ ୪୭ ହିଜ୍‌ରୀରେ ମଦିନାରେ ହୋଇଥିଲା ବୋଲି ଉଲ୍ଲେଖ ରହିଛି । ସେତେବେଳକୁ ତାଙ୍କର ବୟସ ୭୭ ବର୍ଷ ହୋଇଥିଲା । ତାଙ୍କ ନମାଜ ଯନାଜାଃ ମରଓ୍ୱାନ୍ ବିନ୍ ହକମ୍ ପଢ଼ାଇଥିଲେ ଯିଏ ସେତେବେଳେ ମଦିନାର ଅମୀର ଥିଲେ । ଆଉ କିଛି ରିଓ୍ୱାୟତରେ ଏକଥା ମଧ୍ୟ ମିଳୁଛି ଯେ, କେହି ଜଣେ ତାଙ୍କୁ ଶହୀଦ କରିଦେଇଥିଲେ ।

*(ଉସଦୁଲ୍ ଗାବାଃ...... ଖଣ୍ଡ-୫, ପୃ-୧୦୭..... ବେରୁତ ୨୦୦୩)*
*(ଅଲ୍‌ଇସ୍ତଆବ...... ଖଣ୍ଡ-୩, ପୃ-୪୩୩ ........ ବେରୁତ ୨୦୧୦)*

ଏବେ ତାଙ୍କର ଚର୍ଚ୍ଚା ଏଠାରେ ଶେଷ ହେଲା ମୁଁ ନମାଜ ପାଠ ପରେ ଗୋଟିଏ ଯନାଜାଃ ହାଜିର (ଉପସ୍ଥିତ) ମଧ୍ୟ ପଢ଼ାଇବି ତାହା ହେଉଛି ମୋକରମ୍ ତାଆଜ୍‌ଦିନ୍ ସାହେବ୍ ସୁପୁତ୍ର ମୋକରମ୍ ସଦୁରୁଦ୍ଦିନ୍ ସାହେବ୍ । ୧୦ ଫେବୃୟାରୀ ଦିନ ୮୪ ବର୍ଷ ବୟସରେ ତାଙ୍କର ଦେହାନ୍ତ ହେଲା *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍* ସେ ଅଲ୍ଲାଃ ତାଲାଙ୍କ କୃପାରୁ ମୁସି ଥିଲେ । ସେ ୟୁଗାଣ୍ଡାରେ ଜନ୍ମ ହୋଇଥିଲେ, ୧୯୬୭ ମସିହାରେ ସେ ୟୁକେ ଚାଲି ଆସିଥିଲେ । ୧୯୮୪ ମସିହାରେ ଯେବେ ଇସ୍‌ଲାମ୍‌ବାଦ୍‌ର ଜମିଟିକୁ ଖରିଦ କରାଗଲା ସେ ଇସ୍‌ଲାମ୍‌ବାଦ୍‌ରେ ନିଜର ସେବା କରିବାପାଇଁ ହଜ୍‌ରତ୍ ଖଲିଫତୁଲ୍ ମସିହ ଚତୁର୍ଥଙ୍କ ଗୋଚରେ ନିଜକୁ ସମର୍ପଣ କରିଦେଲେ । ପୁଣି ୨୨ ବର୍ଷ ପର୍ଯ୍ୟନ୍ତ ଇସ୍‌ଲାମାବାଦ୍‌ରେ ଅତ୍ୟନ୍ତ ନିଷ୍ଠାଭାବରେ ନିସ୍ୱାର୍ଥଭାବ ସେବା କରିବାର ସୌଭାଗ୍ୟ ପାଇଲେ । ଇସ୍‌ଲାମାବାଦ୍‌ରେ ଅନୁଷ୍ଠିତ ହୋଇଥିବା ପ୍ରଥମ ଜଲ୍‌ସାଠାରୁ ନେଇ ଶେଷ ଜଲ୍‌ସା ପର୍ଯ୍ୟନ୍ତ ଅହରହ ପରିଶ୍ରମ କରିଛନ୍ତି । ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ଅତିଥିମାନଙ୍କୁ ସମସ୍ତ ପ୍ରକାରର ସୁବିଧା ସହଯୋଗ ଏବଂ ଆରାମ ଉପଲବ୍ଧ କରିବାପାଇଁ ଯଥା ସମ୍ଭବ ଚେଷ୍ଟା କରୁଥିଲେ । ସେ ପ୍ରତ୍ୟେକ ପ୍ରକାରର ଟେକ୍‌ନିକାଲ୍ କାର୍ଯ୍ୟ ସମ୍ପାଦନ କରିପାରୁଥିଲେ । ସେଥିଯୋଗୁଁ ତାଙ୍କୁ ଇସ୍‌ଲାମାବାଦ୍‌ରେ ଦିନରାତି ପ୍ରତ୍ୟେକ ପ୍ରକାରର କାର୍ଯ୍ୟ କରିବାର ସୌଭାଗ୍ୟ ମିଳିଲା । ସେଥିରେ ଇଲେକ୍‌ଟ୍ରିକ୍, ପ୍ଲମ୍ବିଙ୍ଗ, ସାନିଟାରୀ ଏବଂ କାଠ କାର୍ଯ୍ୟ ଇତ୍ୟାଦି ସାମିଲ ଥିଲା । ସେ ନମାଜ ରୋଜାର ନିୟମିତ ପାଳନକାରୀ ଥିଲେ, ଧାର୍ମିକ ଥିଲେ ଅତ୍ୟନ୍ତ ଖୁସିମିଜାଜର ଥିଲେ, ଆଜ୍ଞାନୁବର୍ତିତା ଥିଲେ ବହୁତ ଧିମା ମିଜାଜ୍‌ର ବ୍ୟକ୍ତି ଥିଲେ । ଖିଲାଫତ୍ ସିହତ ତାଙ୍କର ଗଭୀର ନିଷ୍ଠା ଓ ଭକ୍ତିର ସମ୍ପର୍କ ଥିଲା । ତାଙ୍କ ନାତି ମୁଦ୍‌ବିର୍ ଦୀନ୍ ସାହେବ୍ ମୁରବୀ ସିଲ୍‌ସିଲା ଅଟନ୍ତି । ସେ ୟୁକେରୁ ଜାମିୟା ପାଶ୍ କରିଥିଲେ, ଏବେ ଏମ୍‌ଟିଏରେ କାର୍ଯ୍ୟରତ । ସେ ଲେଖୁଛନ୍ତି ଯେ, ଅଧିକାଂଶ ଲୋକେ ଯେଉଁମାନେ ଇସ୍‌ଲାମାବାଦ୍‌ରେ ରହୁଥିଲେ ସେମାନେ କହୁଛନ୍ତି ଯେ, ସେ ଅତ୍ୟନ୍ତ ପରିଶ୍ରମି ଥିଲେ । ମୋ ଜେଜେ ବତାଉଥିଲେ ଯେ, ଯେବେ ସେ ଇସ୍‌ଲାମାବାଦ ଆସିଲେ ପ୍ରାରମ୍ଭରେ ସେ ବିଲକୁଲ୍ ଏକୁଟିଆ ରହୁଥିଲେ ନା' ତ ସେଠାରେ ବିଜୁଳି ଥିଲା ନା ହିଟିଙ୍ଗ ଥିଲା ବହୁତ କଷ୍ଟକର ସମୟ ଥିଲା କିନ୍ତୁ ସେ ଏଥିରେ ବହୁତ ଖୁସି ଥିଲେ ଯେ, ତାଙ୍କୁ ଯମାତ୍ ଓ ଖଲିଫାଙ୍କ ପାଇଁ କୁର୍ବାନୀ ଦେବାର ସୌଭାଗ୍ୟ ମିଳୁଅଛି । ଉଚିତ ସମୟରେ ନମାଜ ପଢ଼ିବା ସବୁ କାର୍ଯ୍ୟ ନିଜ ହାତ ଦ୍ୱାରା କରିବା ଅତିଥି ପରାୟଣତା ଏବଂ ଧୈର୍ଯ୍ୟ ଏହା ସବୁ ତାଙ୍କର ବିଶେଷ ଗୁଣ ଥିଲା । ଅନ୍ୟମାନେ ମଧ୍ୟ ଏକଥା ଲେଖିଛନ୍ତି ଯେ, ତାଙ୍କର ଏହି ସବୁ ସୁଗୁଣ ଥିଲା । ମଜିଦ୍ ସିଆଲ୍‌କୋଟି ସାହେବ୍ ମଧ୍ୟ ଏକଥା ବତାଇଛନ୍ତି ଯେ, ଏଠି ଇସ୍‌ଲାମାବାଦ୍‌ରେ ସେ ଓ୍ୱାର୍କସପ୍ ବନାଇଥିଲେ ସେ ମେଶିନ୍ କାର୍ଯ୍ୟରେ ବହୁତ ପ୍ରବୀଣ ଥିଲେ ଲଣ୍ଡନର ବିଭିନ୍ନ କମ୍ପାନି ସହିତ ତାଙ୍କର ଯୋଗାଯୋଗ ଥିଲା । ଇସ୍‌ଲାମାବାଦ୍‌ର ପ୍ରତ୍ୟେକ ବାରେକ୍‌କୁ ଗୋଟି ଗୋଟି କରି ଆବାଦ୍ କଲେ ପୁଣି ସେସବୁକୁ ରହିବା ଉପଯୋଗି ବନାଇଲେ । ସେ ତାଙ୍କ ନିଜର ଟିମ୍ ବନାଇବା ମଧ୍ୟ ଜାଣିଥିଲେ, ଶୀତ ଦିନ ଖରାଦିନ କାର୍ଯ୍ୟରେ ବ୍ୟସ୍ତ ରହୁଥିଲେ କାରଣ ଯେଉଁ ପୁରୁଣା ଜିନିଷଗୁଡ଼ିକ ଥିଲା ସେଗୁଡ଼ିକୁ ସେ ସଜାଡୁ ଥିଲେ ପୁଣି ସର୍ବଦା ସେ ଆନନ୍ଦରେ ରହୁଥିଲେ ଓ ଏକଥା କହୁଥିଲେ ଯେ, ମୋ ପାଇଁ କେବଳ ଦୁଆ କର କାମ ଚାଲିଥିବା ସମୟରେ ଇସ୍‌ଲାମାବାଦରେ ଗୋଟିଏ ଛୋଟିଆ କୋଠରୀରେ ରହୁଥିଲେ ତାଙ୍କ ପିଲାପିଲି ଲଣ୍ଡନରେ ରହୁଥିଲେ ତେଣୁ ସେ କେବେ ତାଙ୍କ ସ୍ତ୍ରୀ ପିଲାଙ୍କର ପରବାୟ କରିନାହାନ୍ତି ବେଳେବେଳେ ସେ ତାଙ୍କ ନିକଟକୁ ଚାଲିଯାଉଥିଲେ ।

ଅଲ୍ଲାଃ ତାଲା ମର୍‌ହୁମ୍‌ଙ୍କ ଉପରେ ଦୟା କରନ୍ତୁ ଓ ତାଙ୍କପ୍ରତି କ୍ଷମା ଆଚରଣ କରନ୍ତୁ ଓ ତାଙ୍କ ସନ୍ତାନମାନଙ୍କୁ ମଧ୍ୟ ତାଙ୍କ ଭଳି ନିଷ୍ଠା ଓ ଭକ୍ତିଭାବରେ ବଢ଼ାନ୍ତୁ, ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ ।

⌘⌘⌘ ⌘⌘⌘ ⌘⌘⌘

# : ଖୁତ୍‌ବା ଜୁମା :

## ଇସ୍‌ଲାମ୍ ମିଥ୍ୟା କହିବାକୁ କଦାପି ଅନୁମତି ଦିଏନାହିଁ

**କଣ ଆଁ ହଜ୍‌ରତ୍ ସ:ଆ:ସ କୌଣସି ବିଶେଷ ପରିସ୍ଥିତିରେ ମିଛ କହିବାକୁ ଅନୁମତି ଦେଇଛନ୍ତି ?**

**ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନିର୍ଦ୍ଦେଶାବଳୀର ଆଲୋକରେ ଏହି ସର୍ବସାଧାରଣ ଭୁଲ୍ ବୁଝାମଣାର ନିଦାନ ।**

**ମଦିନା ସଲ୍‌ତ୍‌ନତ୍ ସହିତ ଚୁକ୍ତି କରିଥିବା ବନୁ ନଜିର ଓ ବନୁ କୁରେଇଜାର ଚୁକ୍ତିଭଙ୍ଗ ଯୋଗୁଁ ସେମାନଙ୍କ ବିରୁଦ୍ଧରେ ପଦକ୍ଷେପ ନେବା ସମ୍ବନ୍ଧୀୟ ଚର୍ଚ୍ଚା**

**ନିଷ୍ଠା ଓ ଭକ୍ତିଭାବରେ ପରିପୂର୍ଣ୍ଣ ବଦ୍‌ରି ସାହାବି ହଜ୍‌ରତ୍ ମୁହମ୍ମଦ୍ ବିନ୍ ମୁସ୍‌ଲିମା ର:ଅଙ୍କ ପବିତ୍ର ଜୀବନୀର ଗାଥା**

**ବିଭ୍ରାଟକାରୀ ଇହୁଦୀମାନଙ୍କ ସର୍ଦାର୍ ସଲ୍ଲାମ ବିନ୍ ଅବିଲ୍ ହକିକ୍ ଆଲ୍‌ମାରୁଫ୍ ଅବୁ ରାଫେଙ୍କ ହତ୍ୟା ଏବଂ ତାହାର କାରଣ ସମ୍ବନ୍ଧରେ ବ୍ୟାଖ୍ୟାପୂର୍ଣ୍ଣ ବର୍ଣ୍ଣନା ।**

**ଇସ୍‌ଲାମ୍‌ବାଦ୍‌ର ପ୍ରାରମ୍ଭିକ କାର୍ଯ୍ୟରେ ନିସ୍ୱାର୍ଥପର ସେବାକାର୍ଯ୍ୟ ସମ୍ପାଦନ କରିଥିବା ସିଲ୍‌ସିଲାର ପୁରାତନ ସେବକ ମୋକରମ୍ ତାଜ ଦୀନ୍ ସାହେବଙ୍କ ଦେହାନ୍ତରେ ତାଙ୍କ ସୁଗୁଣର ଚର୍ଚ୍ଚା ଏବଂ ତାଙ୍କର ନାମଜ୍ ଯନାଜାଃ ଗାଏବ୍ ପାଠ ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ [ଅ.ବ]**
**(ପ୍ରଦତ୍ତ: ୧୪ ଫେବୃୟାରୀ ୨୦୨୦ ଅନୁଯାୟୀ ୧୪ ତବ୍‌ଲିଗ୍ ୧୩୯୯ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲ୍ଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيْكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُوْلُهُ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ- اَلرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- إِيَّاكَ نَعْبُدُ وَإِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ଗତ ଖୁତ୍‌ବାରେ ହଜ୍‌ରତ୍ ମୁହମ୍ମଦ ବିନ୍ ମୁସ୍‌ଲମା ର:ଅଙ୍କ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଥିଲା ଓ କିଛି ବିଷୟ ବାକି ରହିଯାଇଥିଲା । ତାହା ଆଜି ଇନ୍‌ଶାଅଲ୍ଲାଃ ବର୍ଣ୍ଣନା କରାଯିବ । କାବ୍ ବିନ୍ ଅଶ୍‌ରଫଙ୍କୁ ହତ୍ୟା କରାଯିବା ସମ୍ବନ୍ଧରେ ଏକଥା ବର୍ଣ୍ଣନା କରାଯାଇଥିଲା ଯେ ହଜ୍‌ରତ୍ ମୁହମ୍ମଦ୍ ବିନ୍ ମୁସ୍‌ଲମା ର:ଅ ତାକୁ ଆଳ ଦେଖାଇ ଘରୁ ଦୂରକୁ ଡ଼ାକି ନେଇ ହତ୍ୟା କରିଥିଲେ । ତେବେ କଣ ଏହା ମିଥ୍ୟା ନୁହେଁ ? ତତ୍ ସହିତ ଏକଥା ମଧ୍ୟ ବର୍ଣ୍ଣନା ହୋଇଥିଲା ଯେ ଗୋଟିଏ ହଦିସ୍ ସନ୍ଦର୍ଭରେ କେତେଜଣ ଓ୍ୱଲେମା ଏ ମତ ରଖିଛନ୍ତି ଯେ ତିନିଟି ପରିସ୍ଥିତିରେ ମିଛ କହିବାର ଅନୁମତି ଅଛି । କିନ୍ତୁ ବାସ୍ତବ ପକ୍ଷେ ଏହା ଭୁଲ୍ ଚିନ୍ତାଧାରା ବା ସେହି ହଦିସ୍‌ର ଭୁଲ୍ ବ୍ୟାଖ୍ୟା ଅଟେ ଯାହା ତିନୋଟି ପରିସ୍ଥିତିରେ ଭୁଲ୍ ବୟାନ ଅଥ୍ୱା ମିଛ କହିବାକୁ ଉଚିତ ଅଭିହିତ କରୁଅଛି । ସେ ଯାହା ହେଉ ମୁଁ ସେଠାରେ ପୁସ୍ତକ ସିରତ ଖାତମୁନ୍ ନବିୟିନ୍ ରେ ବର୍ଣ୍ଣିତ ବିଷୟବସ୍ତୁକୁ ଆଧାର କରି ସ୍ୱଷ୍ଟିକରଣ ଦେଇଥିଲି । ଏଥି ସମ୍ବନ୍ଧରେ ହଜ୍‌ରତ ମସିହ୍ ମଉଦ୍ ଆ:ସ ମଧ୍ୟ ନିଜର ପୁସ୍ତକ "ନୁରୁଲ୍ କୁର୍‌ଆନ୍"ରେ ବ୍ୟାଖ୍ୟା କରି ଆଲୋକପାତ କରିଛନ୍ତି । ଏହି ସ୍ୱଷ୍ଟିକରଣ ସେ ଜଣେ ଇସାଇଙ୍କ ଆପତିର ଉତରରେ ବର୍ଣ୍ଣନା କରିଛନ୍ତି । ସେଥିରୁ କିଛି ମୁଁ ଏଠାରେ ଉପସ୍ଥାପନ କରିବି, ଯେଉଁଥିରୁ ଏହା ସମ୍ପୂର୍ଣ୍ଣରୂପେ ସ୍ୱଷ୍ଟ ହୋଇଯାଉଛି ଯେ ଇସ୍‌ଲାମ୍ କଦାପି ମିଛି କହିବାପାଇଁ ଅନୁମତି ଦିଏନାହିଁ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଇସାଇଙ୍କ ଆପତି ଅଭିଯୋଗର ଉତର ଦେଇ ବର୍ଣ୍ଣନା କରୁଛନ୍ତି ଯେ, ଏହା ଗୋଟିଏ ଆପତି ଯେ–

ଆଁ ହଜ୍‌ରତ୍ ସ:ଆ:ସ ତିନୋଟି ସ୍ଥାନରେ ମିଛ କହିବାପାଇଁ ଅନୁମତି ଦେଇଛନ୍ତି ଏବଂ ନିଜ ଦୀନ୍‌କୁ ଲୁଚାଇବା ପାଇଁ ପବିତ୍ର କୁର୍‌ଆନ୍‌ରେ ସ୍ୱଷ୍ଟଭାବେ ନିର୍ଦ୍ଦେଶ ରହିଛି କିନ୍ତୁ ଇଞ୍ଜିଲ୍ ଇମାନକୁ ଲୁଚାଇ ରଖିବା ପାଇଁ ଅନୁମତି ଦେଇନାହିଁ । ଏହା ହେଉଛି ଏକ ଆପତି । ଏହାର ଉତରରେ ହଜ୍‌ରତ୍ ମସିହ ମଉଦ ଆ:ସ କହୁଛନ୍ତି ଯେ ଏକଥା ସ୍ୱଷ୍ଟ ଥାଉ କି ପବିତ୍ର କୋରାନ୍‌ରେ ଯେଉଁ ଭଳି ତାଗିଦ୍ ସତ୍ୟ କହିବା ପାଇଁ କରାଯାଇଅଛି, ମୁଁ ଏକଥା କେବେ ବିଶ୍ୱାସ କରିପାରିବି ନାହିଁ ଯେ ଏହାର ଦଶ ଭାଗରୁ ଭାଗେ ମଧ୍ୟ ଇଞ୍ଜିଲ୍‌ରେ ତାଗିଦ୍ କରାଯାଇଥିବ ।

ପୁଣି ଆପଣ ଆ:ସ ବର୍ଣ୍ଣନା କରୁଛନ୍ତି ଯେ ପବିତ୍ର କୋରାନ୍ ମିଥ୍ୟା କହିବାକୁ ବୁତ୍ ପରସ୍ତି (ଅର୍ଥାତ ପିତୁଳାପୂଜା) ସହିତ ସମାନ ବୋଲି ଅଭିହିତ କରିଛି । ଉଦାହରଣ ସ୍ୱରୁପ ଅଲ୍ଲାଃ ତାଲା କହୁଛି ଫଜ୍‌ତନିବୁର୍ ରିଜ୍‌ନସା ମିନିଲ୍ ଅଓସାନି ଓ୍ୱଜ୍‌ତନବୁ କୌଲଜ୍ ଜୁର୍ ଅର୍ଥାତ– ତୁମେମାନେ ପିତୁଳା ପୂଜାରୁ ନିଜକୁ ରକ୍ଷା କର ଓ ମିଥ୍ୟା କହିବାରୁ ନିଜକୁ ନିବୃତ କର । ପୁଣି ଆଉ ଏକ ସ୍ଥାନରେ କହୁଛନ୍ତି ୟା ଅୟୋହଲ୍ ଲଜିନା ଆମନୁ କୁନୁ କଓ୍ୱାମିନା ବିଲ୍ କିସ୍‌ତେ ଶୋହଦାଆ ଲିଲ୍ଲାହି ଓ୍ୱ ଲୌ ଅଲା ଅନ୍‌ଫୁସିକୁମ୍ ଅୱିଲ୍ ଓ୍ୱାହି ଦୈନେ ଓ୍ୱଲ୍ ଅକ୍‌ରବୀନ୍ ।

ଅର୍ଥାତ:– ହେ ବିଶ୍ୱାସକାରୀମାନେ ! ତୁମେମାନେ ନ୍ୟାୟ ବିଚାରରେ ସମ୍ପୁର୍ଣ୍ଣଭାବେ ସୁଦୃଢ଼ ରହି ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ସଚ୍ଚା ସାକ୍ଷ୍ୟ ପ୍ରଦାନକାରୀ ହୋଇଯାଅ ଯଦିଚ ଏହା ତୁମମାନଙ୍କ ନିଜ ବିରୁଦ୍ଧରେ ବା ତୁମମାନଙ୍କ ପିତାମାତା ଓ ନିକଟ ସମ୍ପର୍କୀୟଙ୍କ ବିରୁଦ୍ଧରେ ହେଉଥାଉ । ହଜ୍‌ରତ୍ ମସିହ ମଉଦ୍ ଆ:ସ ସେହି ଆପତିକାରୀଙ୍କୁ ସମ୍ବୋଧନ କରି କହୁଛନ୍ତି ଯେ ହେ ଅଜ୍ଞାନ ଯିକିଏ ଇଞ୍ଜିଲ୍‌କୁ ଖୋଲି ଦେଖ ଓ ଆମକୁ ବତାଅ ଯେ ସତ୍ୟ ବଚନ ପାଇଁ ଏପରି ତାଗିଦ୍ ଇଞ୍ଜିଲ୍‌ରେ କେଉଁଠିରେ ଅଛି ?

ପୁଣି ସେହି ଇସାଇ ଯାହାଙ୍କ ନାମ ଫତାହ ମସିହ ଥିଲା, ତାଙ୍କୁ ସମ୍ବୋଧନ କରି ହଜ୍‌ରତ୍ ମସିହ ମଉଦ ଆ:ସ ଲେଖୁଛନ୍ତି ଯେ, ଆଁ ହଜ୍‌ରତ୍ ସ:ଆ:ସ ତିନୋଟି ସ୍ଥାନରେ ମିଛ କହିବାପାଇଁ ଅନୁମତି ଦେଇଛନ୍ତି । କିନ୍ତୁ ଏହା ଆପଣଙ୍କ ନିଜର ମୂର୍ଖତା ଯୋଗୁଁ ଭୁଲ୍ ବୁଝିଛନ୍ତି କିନ୍ତୁ ପ୍ରକୃତ କଥା ହେଉଛି ଏହା ଯେ, କୌଣସି ହଦିସ୍‌ରେ ମିଛ କହିବାପାଇଁ କଦାପି ଅନୁମତି ଦିଆଯାଇନାହିଁ । ବରଂ ହଦିସ୍‌ରେ ତ' ଏ ଶବ୍ଦ ବ୍ୟବହାର କରାଯାଇଛି ଯେ, ***ଇନ୍ କୁତିଲ୍‌ତା ଓ୍ୱ ଉହରିକ୍‌ତା*** ଅର୍ଥାତ ସତକୁ କଦାପି ହାତ ଛଡ଼ା କରନାହିଁ ଯଦିଚ ତୁମକୁ ହତ୍ୟା କରିଦିଆଯାଉ ବା ତୁମକୁ ଜଳାଇ ଦିଆଯାଉ । ପୁଣି ଯେଉଁ ପରିସ୍ଥିତିରେ ପବିତ୍ର କୁରାନ୍ ଏକଥା କହିଛି ଯେ, ତୁମେ ନ୍ୟାୟ ଓ ସତ୍ୟକୁ ଛାଡ଼ ନାହିଁ ଯଦିଚ ତୁମର ଜୀବନ ମଧ୍ୟ ଏ ଉଦ୍ଦେଶ୍ୟରେ ନଷ୍ଟ କାହିଁକି ନ ହେଇଯାଉ । ହଦିସ୍ ଏକଥା ମଧ୍ୟ କହୁଛି ଯେ, ତୁମକୁ ଜଳାଇ ଦିଆଯାଉ ବା ତୁମକୁ ହତ୍ୟା କରିଦିଆଯାଉ କିନ୍ତୁ ସତ୍ୟ କୁହ । ଯଦି ମାନି ନିଅ ଯେ, କୌଣସି ହଦିସ୍ ପବିତ୍ର କୁରାନ୍ ଏବଂ ଆହାଦିସ୍‌ସେ ସହିୟା କୁ ବିରୋଧ ହେଉଥିବ ତେବେ ତାହା ଶୁଣିବା ଯୋଗ୍ୟ ହେବ ନାହିଁ କାରଣ ଆମେମାନେ ସେହି ହଦିସ୍‌କୁ ଗ୍ରହଣ କରିଥାଉ ଯାହା ଆହାଦିସ୍‌ସେ ସହିୟା ଏବଂ ପବିତ୍ର କୁରାନ୍‌ର ବିରୋଧ କରୁନଥିବ । ହଜ୍‌ରତ୍ ମସିହ ମଉଦ ଆ:ସ କହୁଛନ୍ତି ଯେ, ହଁ କେତେକ ହଦିସ୍‌ରେ ତୌରିୟାକୁ ବ୍ୟବହାର ହୋଇଥିବା ପ୍ରତି ଇସାରା ମିଳୁଅଛି ଅର୍ଥାତ କୌଣସି କାରଣ ବଶତଃ କେତେକ ଦୁଇ ଅର୍ଥବୋଧକ ଶବ୍ଦ ବର୍ଣ୍ଣନା ହୋଇଛି ଓ ତାହାକୁ ଘୃଣାଭାବ ଉଦ୍ଦେଶ୍ୟରେ ମିଥ୍ୟା ନାମରେ ନାମିତ କରାଯାଇଛି । ଅର୍ଥାତ ଯେତେବେଳେ ଦୁଇ ଅର୍ଥବୋଧକ କଥା କୁହାଯାଇଥାଏ ସେତେବେଳେ ସେହି କଥାକୁ ବିରୋଧୀମାନେ ଘୃଣାଭାବ ସୃଷ୍ଟି କରିବା ନିମନ୍ତେ

ମିଥ୍ୟା ବୋଲି ଅଭିହିତ କରୁଛନ୍ତି ଏବଂ କହୁଛନ୍ତି ଯେ, ଜଣେ ନିବୋର୍ଧ ଏବଂ ମୂର୍ଖ ଯେତେବେଳେ ଏହିପରି ଶବ୍ଦ କୌଣସି ହଦିସ୍‌ରେ ଲେଖା ହୋଇଥିବାର ଦେଖିଥାଏ ଅର୍ଥାତ କାହାକୁ ବୁଝାଇବା ପାଇଁ ଯେତେବେଳେ କୌଣସି ଶବ୍ଦକୁ ସହଜ କରିବାପାଇଁ ବ୍ୟବହାର କରାଯାଇଥାଏ ତାହାକୁ ସେମାନେ ପ୍ରକୃତ ମିଥ୍ୟା ବୋଲି ଭାବି ନେଉଛନ୍ତି ଯେବେ କି ସେ ପ୍ରକୃତ କଥାକୁ ଜାଣିନାହିଁ ଯେ, ପ୍ରକୃତ ମିଥ୍ୟା ହେଉଛି ଇସ୍‌ଲାମ୍‌ରେ ହରାମ୍ (ଅବୈଧ) ଏବଂ ସିର୍‌କ ସହିତ ସମାନ କିନ୍ତୁ ତୌରିୟା ଯାହା ବାସ୍ତବିକ ମିଥ୍ୟା ନୁହେଁ ଯଦିଚ ଏହା ମିଥ୍ୟା ଭାବେ ବ୍ୟତିବ୍ୟସ୍ତତା ସମୟରେ ସାଧାରଣ ଲୋକଙ୍କ ନିମନ୍ତେ ବ୍ୟବହାର କରାଯାଇଥିବାର ହଦିସ୍‌ରୁ ମିଳିଥାଏ କିନ୍ତୁ ପୁଣି ମଧ୍ୟ ଏକଥା ଲେଖାଯାଇଛି ଯେ, ଉତମ ଲୋକ ହେଉଛନ୍ତି ସେହିମାନେ ଯେଉଁମାନେ ତୌରିୟାଠାରୁ ମଧ୍ୟ ନିବୃତ ହୋଇ ରହିଥାନ୍ତି । ଇସ୍‌ଲାମିୟ ପରିଭାଷାରେ ତୌରିୟା ତାହାକୁ କୁହାଯାଇଥାଏ ଯାହାକୁ ବିଭ୍ରାଟ ସୃଷ୍ଟି ହେବାର ଭୟ ଯୋଗୁଁ ସେହି କଥାକୁ ଲୁଚାଇ ରଖିବାପାଇଁ ବା ଅନ୍ୟ କୌଣସି କାରଣ ଯୋଗୁଁ ଗୋଟିଏ ରହସ୍ୟ କଥାକୁ ଲୁକ୍କାୟିତ ରଖିବା ଉଦ୍ଦେଶ୍ୟରେ ଏପରି ଉଦାହରଣ ଓ ଏପରି ଶୈଳୀରେ ବର୍ଣ୍ଣନା କରାଯାଇଥାଏ ଯେ, ବୁଦ୍ଧିମାନ ବ୍ୟକ୍ତି ତ ଏକଥାକୁ ବୁଝିଯିବ ଓ ନିବୋର୍ଧ ବ୍ୟକ୍ତି ବୁଝିପାରିବ ନାହିଁ ଓ ତା'ର ଭାବନା ଅନ୍ୟ ଦିଗକୁ ଚାଲିଯିବ ଏବଂ ବହୁତ ଚିନ୍ତା କରିବାପରେ ଏକଥା ଜଣାପଡ଼ିଯାଏ ଯେ, ଲୋକଟି ଯେଉଁକଥା କହିଥିଲା ତାହା ମିଥ୍ୟା ନୁହେଁ ବରଂ ସତ୍ୟ ଅଟେ ଓ ସେଥିରେ କୌଣସି ପ୍ରକାର ମିଥ୍ୟାର ସମିଶ୍ରଣ ନାହିଁ । ହଜ୍‌ରତ୍ ମସିହ ମଉଦ ଆ:ସ କହୁଛନ୍ତି ଯେ, ଯେମିତି କି କେତେକ ହଦିସ୍‌ରେ ଦୁଇଜଣ ମୁସଲମାନଙ୍କ ମଧ୍ୟରେ ସୁଲାହ କରିବାପାଇଁ ବା ନିଜ ସ୍ତ୍ରୀକୁ କୌଣସି ଫିତ୍‌ନା ଏବଂ ପାରିବାରିକ ଅସନ୍ତୁଷ୍ଟତା ଯୋଗୁଁ ଏବଂ ତାଙ୍କୁ ଝଗଡ଼ାରୁ ବଂଚାଇବା ପାଇଁ ତୌରିୟା ର ପ୍ରଚଳନ ମିଳିଥାଏ ସେହିପରି ଯୁଦ୍ଧ ସମୟରେ ନିଜର ଗୋପନ କଥାକୁ ଶତୃଙ୍କଠାରୁ ଲୁଚାଇ ରଖିବା ଉଦ୍ଦେଶ୍ୟରେ ଏବଂ ଶତୃମାନଙ୍କ ଭାବନାକୁ ଅନ୍ୟଆଡ଼କୁ ଫେରାଇ ଦେବା ନିୟତରେ ତୌରିୟା ବ୍ୟବହାର କରାଯାଇଥାଏ କିନ୍ତୁ ଆହୁରି ବହୁତ ଗୁଡ଼ିଏ ହଦିସ୍ ମଧ୍ୟ ଏପରି ଅଛି ଯେଉଁଥିରୁ ଜଣା ପଡୁଛି ଯେ, ତୌରିୟା ହେଉଛି ଉଚ୍ଚ ସ୍ତରର ଧର୍ମପରାୟଣତାର ଖିଲାପ । ସେ ଯାହା ହେଉ ଖୋଲା ଖୋଲା ସତ୍ୟ ହେଉଛି ଉତମ ଯଦି ଏହା ଯୋଗୁଁ ଜଣେ ହତ୍ୟା ହେଇଯାଉ ବା ଜଳିଯାଉ ।

ପୁଣି ହଜ୍‌ରତ୍ ମସିହ ମଉଦ ଆ:ସ କହୁଛନ୍ତି ଯେ, ଆଁ ହଜ୍‌ରତ୍ ସ:ଆ:ସ ଯଥା ସମ୍ଭବ ଏଥିରୁ ଦୁରେଇ ରହିବାପାଇଁ ନିର୍ଦ୍ଦେଶ ଦେଇଛନ୍ତି ଏହା ଦ୍ୱାରା କହିବାର ଅର୍ଥ ନିଜର ପ୍ରକାଶ୍ୟ ଅବସ୍ଥାରେ ମଧ୍ୟ ମିଥ୍ୟା ସହିତ ମିଶ୍ରିତ ନ ହେଇଯାଉ । ପୁଣି ଆପଣ ଆ:ସ କହୁଛନ୍ତି ଯେ, ଯେବେ ମୁଁ ଏକଥା ଦେଖୁଛି କି, ଯନାବ୍ ସୟଦୁଲ୍ ମୁର୍‌ସଲିନ୍ ସ:ଆ:ସ ଓ୍ୱହଦ୍ ଯୁଦ୍ଧରେ ଏକାକି ରହିବା ଅବସ୍ଥାରେ ଉନ୍ମୁକ୍ତ ତରବାରୀ ସମ୍ମୁଖରେ ଏକଥା କହୁଥିଲେ ଯେ, ମୁଁ ହେଉଛି ମୁହମ୍ମଦ, ମୁଁ ହେଉଛି ଅଲ୍ଲାଃଙ୍କ ନବୀ ଏବଂ ମୁଁ ହେଉଛି ଅବ୍‌ଦୁଲ୍ ମୁତ୍‌ଲିବ୍‌ଙ୍କ ସନ୍ତାନ ।

ଏଠାରେ ଏକଥା ସ୍ୱଷ୍ଟ କରିଦେଉଛି ଯେ, ଯେତେବେଳେ ପୁସ୍ତକ ଛପାଯାଇଥିଲା ସେତେବେଳେ ଏହି ପୁସ୍ତକର ହାଶିୟାରେ ଏକଥା ଲେଖା ହୋଇଛି ଯେ, ଏକଥା ଭୁଲ୍‌ଭାବେ ଲେଖା ହୋଇଯାଇଅଛି । ଏଘଟଣା ଟି ହୁନେନ୍ ଯୁଦ୍ଧର ଘଟଣା ଅଟେ, ଓ୍ୱହଦ୍ ଯୁଦ୍ଧର ନୁହେଁ ଯଦ୍ୟପି ଏବେ ମତେ ଆମ ରିସର୍ଚ୍ଚ ସେଲ୍ "ସିରତୁଲ୍ ହଲ୍‌ବିୟା" ର ହଓ୍ୱାଲା ବାହାର କରି ପଠାଇଛନ୍ତି ଯେଉଁଥିରେ ଏକଥା ଲେଖାଯାଇଛି ଯେ, ଏ ବାକ୍ୟ ଆଁ ହଜ୍‌ରତ୍ ସ:ଆ:ସ ହୁନୈନ୍ ଯୁଦ୍ଧ ଏବଂ ଓ୍ୱହଦ୍ ଯୁଦ୍ଧ ଦୁଇଟିଯାକ ଯୁଦ୍ଧରେ କହିଥିଲେ । ତେଣୁ ଏବେ ଇଶାଅତ୍ ବିଭାଗ, ନଜାରତ୍ ଇଶାଅତ୍‌କୁ ମଧ୍ୟ ଏହି ହାସିୟାକୁ ଆସନ୍ତା ସମୟରେ ବାହାର କରିଦେବା ଉଚିତ । ଅଧିକାଂଶ ସମୟ ମୁଁ ଏକଥା ଦେଖିଛି ଯେ, ବେଳେବେଳେ ଶିଘ୍ରଶିଘ୍ର କାମ କରିବା ଯୋଗୁଁ ହଜ୍‌ରତ୍ ମସିହ ମଉଦ ଆ:ସଙ୍କର ଯେଉଁ ଶବ୍ଦଗୁଡ଼ିକ ରହିଛି ତାହାର ଅର୍ଥ ବାହାର କରିବାପାଇଁ ବା ତାକୁ ସହଜ ବୋଧଗମ୍ୟ କରିବାପାଇଁ ହାସିୟାରେ ଏକଥା ଲେଖିଦିଆଯାଉଛି ଯେ, ଏହା ଭୁଲ୍ ଥିଲା ବା ଭୁଲ୍ ହୋଇଯାଇଅଛି ଯେବେ କି, ବହୁତ ରିସର୍ଚ୍ଚ କରିବାର ଆବଶ୍ୟକତା ରହିଛି, ବହୁତ ଧ୍ୟାନ ଦେବାର ଆବଶ୍ୟକତା ରହିଛି ସେ ଯାହା ହେଉ ଏ ଯେଉଁ ହଓ୍ୱାଲା ମୋ ସାମ୍‌ନାକୁ ଆସିଯାଇଥିଲା ସେଥିରେ ବହୁତ ସ୍ୱଷ୍ଟଭାବେ ଲେଖାଯାଇଛି ଯେ, ଆଁ ହଜ୍‌ରତ୍ ସ:ଆ:ସ ଉକ୍ତ ଶବ୍ଦଗୁଡ଼ିକୁ ହୁନୈନ୍ ଯୁଦ୍ଧ ଏବଂ ଓ୍ୱହଦ୍ ଯୁଦ୍ଧ ଦୁଇଟି ଯାକ ଅବସରରେ କହିଥିଲେ ।

ପୁଣି ଆଗକୁ ହଜ୍‌ରତ୍ ମସିହ ମଉଦ ଆ:ସ କହୁଛନ୍ତି ଯେ, ଯଦି କୌଣସି ହଦିସ୍‌ରେ ତୌରିୟାକୁ ଅର୍ଥାତ ବାକ୍ୟକୁ ସହଜ କରିବାପାଇଁ ବା ବୁଝାଇବା ପାଇଁ ଯଦି କେଉଁଠି କିଯବ୍ ଅର୍ଥାତ ମିଥ୍ୟା ଶବ୍ଦଟି ଲେଖି ମଧ୍ୟ ଦିଆଯାଇଥାଏ ତେବେ ଏହା ଭୀଷଣ ମୂର୍ଖାମି ଅଟେ ଯେ, କୌଣସି ବ୍ୟକ୍ତି ଏହାକୁ ପ୍ରକୃତ ମିଥ୍ୟା ବୋଲି ଅଭିହିତ କରେ । ଯେବେ କି, ପବିତ୍ର କୁର୍‌ଆନ୍ ଏବଂ ଆହାଦିସ୍‌ସେ ସହିୟା ସହମତ ହୋଇ ବାସ୍ତବିକ ମିଥ୍ୟାକୁ ଭୀଷଣ ହରାମ୍ ଏବଂ ଅପବିତ୍ର ବୋଲି ଅଭିହିତ କରିଅଛନ୍ତି ଏବଂ ଉଚ୍ଚ ସ୍ତରର ହଦିସ୍‌ଗୁଡ଼ିକ ତୌରିୟାର ବିଷୟଗୁଡ଼ିକୁ ଖୋଲି ସ୍ୱଷ୍ଟ ରୂପେ ବର୍ଣ୍ଣନା କରୁଅଛନ୍ତି । ପୁଣି ଯଦି ଏକଥା ମାନି ନିଆଯାଏ ଯେ, କୌଣସି ହଦିସ୍‌ରେ ତୌରିୟା ଶବ୍ଦ ପରିବର୍ତେ କିଜବ୍ (ମିଥ୍ୟା) ଶବ୍ଦ ଆସିଯାଇଥାଏ ତେବେ ନୌଜୁବିଲ୍ଲାଃ ଏହାର ଅର୍ଥ ମିଥ୍ୟା କାହିଁକି ହୋଇପାରିବ ବରଂ ବହୁତ ସୂକ୍ଷ୍ମ ଧର୍ମପରାୟଣତା ଏହା ହେବ ଯେ, ତୌରିୟାକୁ କିଜବ୍ ରୂପେ ଭାବି ଏହାକୁ ବୁଝାଇବାପାଇଁ ଓ ସହଜ ବୋଧଗମ୍ୟ କରିବାପାଇଁ କିଜବ୍ ଶବ୍ଦଟିକୁ ବ୍ୟବହାର କରିଥିବ । ଆମୁକ ପବିତ୍ର କୁରାନ୍ ଏବଂ ଆହାଦିସ୍‌ସେ ସହିୟା ର ଅନୁଶରଣ କରିବା ଜରୁରୀ ଅଟେ । ଯଦି କୌଣସି କଥା ଏହାର ବିପରୀତ ହେବ ତେବେ ଆମେ ତାହାର ସେହି ଅର୍ଥକୁ କଦାପି ଗ୍ରହଣ କରିବୁନାହିଁ ଯାହା ବିରୋଧ ହେଉଥିବ ।

ପୁଣି ହଜ୍‌ରତ୍ ମସିହ ମଉଦ ଆ:ସ କହୁଛନ୍ତି ପବିତ୍ର କୁରାନ୍ ମିଥ୍ୟାବାଦିଙ୍କ ଉପରେ ଲାନ୍‌ତ (ଅଭିଷାପ) କରିଛି ଏବଂ ପୁଣି କହୁଛନ୍ତି ଯେ, ମିଥ୍ୟାବାଦି ହେଉଛି ସଇତାନର ବନ୍ଧୁ ଓ ମିଥ୍ୟାବାଦି ବେଇମାନ ହୋଇଥାନ୍ତି । ମିଥ୍ୟାବାଦିଙ୍କ ଉପରେ ସଇତାନ ଅବତୀର୍ଣ୍ଣ ହୋଇଥାନ୍ତି । କେବଳ ଏତିକି ହିଁ କହିନାହାନ୍ତି ଯେ, ତୁମେ ମିଥ୍ୟା କୁହନାହିଁ ବୋଲି ବରଂ ଏହା ମଧ୍ୟ ନିର୍ଦ୍ଦେଶ ଦେଇଛି ଯେ, ତୁମେ ମିଥ୍ୟାବାଦିଙ୍କ ସଙ୍ଗତକୁ ମଧ୍ୟ ପରିତ୍ୟାଗ କର ଓ ସେମାନଙ୍କୁ ନିଜର ସାଙ୍ଗସାଥୀ କର ନାହିଁ ଏବଂ ଇଶ୍ୱରଙ୍କୁ ହିଁ ଭୟ କର ଓ ସତ୍ୟବାଦୀଙ୍କ ସାଥିରେ ରୁହ । ଆଉ ଗୋଟିଏ ସ୍ଥାନରେ କହୁଛନ୍ତି ଯେ, ଯେତେବେଳେ ତୁମେ କୌଣସି କଥା କହିବ ସେତେବେଳେ ତୁମର କଥା କେବଳ ସତ୍ୟ ଉପରେ ଆଧାରିତ ହେଉଥିବ । ଥଟ୍ଟା ପରିହାସ ରୂପେ ମଧ୍ୟ ସେଥିରୁ ମିଥ୍ୟା ନଥିବ । *(ନୁରୁଲ୍ କୁର୍‌ଆନ୍ ସଂଖ୍ୟା ୨, ରୁହାନୀ ଖଜାଇନ୍ ଖଣ୍ଡ-୯, ପୃ-୪୦୨ ରୁ ୪୦୮) (ସିରତୁଲ୍ ହଲବିୟା ଖଣ୍ଡ-୨, ପୃ-୩୧୦........ ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା ବେରୁତ ୨୦୦୨)*

ଏହା ତ ସ୍ୱଷ୍ଟ ହୋଇଗଲା ଯେଉଁ କଥା ଏଠାରେ ବର୍ଣ୍ଣନା କରାଯାଉଥିଲା । ଏବେ ମୁଁ ହଜ୍‌ରତ୍ ମୁହମ୍ମଦ୍ ବିନ୍ ମୁସ୍‌ଲିମା ର:ଅଙ୍କର ବାକି ଜୀବନ ସମ୍ବନ୍ଧରେ ଆଗକୁ ବର୍ଣ୍ଣନା କରିବି । ଯେତେବେଳେ ବନୁ ନଜିର୍ ଧୋକା ଦେଇ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ଚକିପଥରକୁ ପକାଇ ହତ୍ୟା କରିବାପାଇଁ ଚେଷ୍ଟା କଲା ସେତେବେଳେ ଅଲ୍ଲାଃ ତାଲା ଐଶିବାଣୀ ଜରିଆରେ ଏ ସମ୍ବନ୍ଧରେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଖବର ଦେଇଥିଲେ ତେଣୁ ରସୁଲୁଲ୍ଲାଃ ସ:ଆ:ସ ଯଥା ଶିଘ୍ର ଉଠିଗଲେ ଯେମିତି ଆପଣ ସ:ଆ:ସ କୌଣସି ଆବଶ୍ୟକ କାର୍ଯ୍ୟପାଇଁ ଉଠିପଡ଼ିଛନ୍ତି ଏବଂ ଆପଣ ସ:ଆ:ସ ମଦିନା ଚାଲିଗଲେ । ରସୁଲୁଲ୍ଲାଃ ସ:ଆ:ସଙ୍କ ଯିବାପରେ ତାଙ୍କ ସାହାବାମାନେ ମଧ୍ୟ କିଛି ସମୟ ଅପେକ୍ଷା କରିବାପାରେ ତାଙ୍କ ପଛେ ପଛେ ମଦିନା ଚାଲିଆସିଲେ । ଯେତେବେଳେ ସାହାବାମାନେ ମଦିନାରେ ପହଂଚିଲେ ସେମାନେ ଏକଥା ଜାଣିବାକୁ ପାଇଲେ ଯେ, ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ମୁହମ୍ମଦ୍ ବିନ୍ ମୁସ୍‌ଲିମା ର:ଅଙ୍କୁ ଡ଼କାଇ ପଠାଇଛନ୍ତି । ହଜ୍‌ରତ୍ ଅବୁବକର ର:ଅ କହିଲେ ଯେ, ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ଆପଣ ସେଠାରୁ ଉଠି ଚାଲିଆସିଲେ ଆମେ ଜାଣିପାରିଲୁ ନାହିଁ ଏହା ଶୁଣି ସେ କହିଲେ ଇହୁଦୀମାନେ ମତେ ଧୋକା ଦେବାକୁ ଚାହୁଁଥିଲେ ତେଣୁ ଅଲ୍ଲାଃ ତାଲା ମତେ ଏ ବିଷୟ ବତାଇଦେଲେ ଫଳତଃ ମୁଁ ସେଠାରୁ ଉଠି ଚାଲିଆସିଲି । ଅଲ୍ଲାଃ ତାଲା ଏ ସମ୍ବନ୍ଧରେ ଏହି ଆୟତଟି ଅବତୀର୍ଣ୍ଣ କରିଛନ୍ତି । ଅର୍ଥାତ ***ୟା ଅୟୁହଲ୍ ଲଜିନା ଆମନୁ........ ଫଲ୍ ୟତଓ୍ୱକ କଲିଲ୍ ମୁମିନୁନ୍*** (ଅଲ୍‌ମାଇଦାଃ : ୧୧) ।

ଅର୍ଥାତ ଏ ବିଶ୍ୱାସକାରୀମାନେ ! ତୁମମାନଙ୍କ ପ୍ରତି ଅଲ୍ଲାଃଙ୍କର କୃପାକୁ ସ୍ମରଣ କର, ଯେତେବେଳେ କି ଏକ ସମ୍ପ୍ରଦାୟ ତୁମମାନଙ୍କ ବିରୁଦ୍ଧରେ ସେମାନଙ୍କର ହସ୍ତ ପ୍ରସାରିତ କରିବାକୁ ମନସ୍ଥ କରିଥିଲା, ସେତେବେଳେ ସେ ତୁମମାନଙ୍କୁ ସେମାନଙ୍କ କବଳରୁ ରକ୍ଷା କରିଥିଲେ; ଏବଂ ଅଲ୍ଲାଃଙ୍କୁ ଭୟ କର ଏବଂ ବିଶ୍ୱାସକାରୀମାନେ ଅଲ୍ଲାଃଙ୍କ ଉପରେ ଭରଷା କରିବା ଉଚିତ ।

ସେ ଯାହା ହେଉ ହଜ୍‌ରତ୍ ମୁହମ୍ମଦ୍ ବିନ୍ ମୁସ୍‌ଲିମା ର:ଅଙ୍କୁ ଆଁ ହଜ୍‌ରତ୍ ସ:ଆ:ସ ଇହୁଦୀମାନଙ୍କ ନିକଟକୁ ପଠାଇଲେ । ସେହି ଘଟଣାଟି ଏଭଳି ବର୍ଣ୍ଣିତ ଅଛି ଯେ, ଯେତେବେଳେ ହଜ୍‌ରତ୍ ମୁହମ୍ମଦ୍ ବିନ୍ ମୁସ୍‌ଲିମା ର:ଅ ଆପଣ ସ:ଆ:ସଙ୍କ ନିକଟରେ ଉପସ୍ଥିତ ହେଲେ ସେତେବେଳେ ଆପଣ ସ:ଆ:ସ କହିଲେ ଯେ, ତୁମେ ବନୁ ନଜିର୍‌ର ଇହୁଦୀମାନଙ୍କ ନିକଟକୁ ଯାଇ କୁହ ମତେ ରସୁଲୁଲ୍ଲାଃ ସ:ଆ:ସ ତୁମ ନିକଟକୁ ପଠାଇଛନ୍ତି ଯେ, ତୁମେମାନେ ମୋ ସହରରୁ ବାହାରି ଚାଲିଯାଅ । ସେ ଇହୁଦୀମାନଙ୍କ ନିକଟକୁ ଗଲେ, ଯେହେତୁ ଇହୁଦୀମାନେ ଚକ୍ରାନ୍ତ କରିଥିଲେ ଏବଂ ନିଜ ପ୍ରତିଶୃତିକୁ ରକ୍ଷା କରିନଥିଲେ ଓ ସେହି ଚୁକ୍ତିକୁ ଭଙ୍ଗ କରିଦେଇଥିଲେ ତେଣୁ ତାହାର ଦଣ୍ଡ ଏହା ଥିଲା ଯେ, ସେମାନେ ସହରରୁ ବାହାରି ଚାଲିଯାଆନ୍ତୁ । ସୁତରାଂ ସେ ଇହୁଦୀଙ୍କ ନିକଟକୁ ଯାଇ କହିଲେ ଯେ, ରସୁଲୁଲ୍ଲାଃ ସ:ଆ:ସ ମତେ ଗୋଟିଏ ବାର୍ତା ଦେଇ ତୁମ ନିକଟକୁ ପଠାଇଛନ୍ତି କିନ୍ତୁ ମୁଁ ଏକଥା ସେ ପର୍ଯ୍ୟନ୍ତ କହିବି ନାହିଁ ଯେ ପର୍ଯ୍ୟନ୍ତ ମୁଁ ତୁମକୁ ଗୋଟିଏ ଏପରି କଥାକୁ ମନେ ନ ପକାଇ ଦେଇଛି ଯେଉଁକଥାକୁ ତୁମେମାନେ ନିଜ ମଜ୍‌ଲିସ୍‌ରେ ଚର୍ଚ୍ଚା କରୁଥିଲ । ଗୋଟିଏ ପୁରୁଣା କଥା ତୁମକୁ ମନେ ପକାଇଦେବାକୁ ଚାହୁଁଛି ଏଥିରେ ଇହୁଦୀମାନେ ପଚାରିଲେ ତାହା କିପ୍ରକାରର କଥା ? ହଜ୍‌ରତ୍ ମୁହମ୍ମଦ୍ ବିନ୍ ମୁସ୍‌ଲିମା ର:ଅ କହିଲେ ଯେ, ମୁଁ ତୁମକୁ ସେହି ତୌରାତ୍‌ର ରାଣ ଦେଉଅଛି ଯାହାକୁ ଅଲ୍ଲାଃ ତାଲା ମୁସାଙ୍କ ଉପରେ ଅବତୀର୍ଣ୍ଣ କରିଥିଲେ । କ'ଣ ତୁମେ ଏକଥା ଜାଣିଛ କି, ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଆବିର୍ଭାବ ପୂର୍ବରୁ ମୁଁ ତୁମ ନିକଟକୁ ଆସିଥିଲି । ସେତେବେଳେ ତୁମେମାନେ ନିଜ ସମ୍ମୁଖରେ ତୌରାତ୍‌କୁ ଖୋଲି ରଖିଥିଲ ଓ ତୁମେମାନେ ମତେ ସେହି ସଭାରେ ଏକଥା କହିଥିଲ ଯେ, ହେ ଇବ୍‌ନେ ମୁସ୍‌ଲିମା ! ଯଦି ତୁମେ ଚାହୁଁଛ ଯେ, ଆମେ ତୁମପାଇଁ ଖାଦ୍ୟ ଉପସ୍ଥାପନ କରିବୁ ତେବେ ଆମେ ତୁମକୁ ଏହି ଖାଦ୍ୟ ଉପସ୍ଥାପନ କରୁଅଛୁ । ଅର୍ଥାତ ଯଦି ତୁମେ ଏକଥା ଚାହୁଁଛ ଯେ, ଆମେ ତୁମମାନଙ୍କୁ ଇହୁଦୀ ବନାଇ ଦେବୁ ତେବେ ଆମେ ତୁମକୁ ଇହୁଦୀ ବନାଇ ଦେଉଛୁ । ହଜ୍‌ରତ୍ ମୁହମ୍ମଦ୍ ବିନ୍ ମୁସ୍‌ଲିମା ର:ଅ କହୁଛନ୍ତି ଯେ, ମୁଁ ସେତେବେଳେ ତାଙ୍କୁ ଏକଥା କହିଥିଲି କି, ମତେ ଖାଇବାକୁ ଦିଅ କିନ୍ତୁ ମତେ ଇହୁଦୀ ବନାଅ ନାହିଁ । ଖୁଦାଙ୍କ ରାଣ ମୁଁ କେବେ ମଧ୍ୟ ଇହୁଦୀ ହେବି ନାହିଁ । ପୁଣି ଘଟଣାଟି ଏପରି ହେଲା କି, ତୁମେମାନେ ମତେ ଗୋଟିଏ ଥାଳିରେ ଖାଇବାକୁ ଦେଲ ଓ ଏକଥା ମଧ୍ୟ କହିଥିଲ ଯେ, ତୁମେ ଏହି ଧର୍ମକୁ କେବଳ ଏଥିଯୋଗୁଁ ଗ୍ରହଣ କରୁନାହଁ କାରଣ ଏହା ହେଉଛି ଇହୁଦୀମାନଙ୍କର ଧର୍ମ । ଅର୍ଥାତ ତୁମେ ସେହି **ହନିଫିୟତ୍** (ଏକେଶ୍ୱରବାଦର ଧର୍ମ) ଚାହୁଁଅଛ ଯାହା ସମ୍ବନ୍ଧରେ ତୁମେ ଶୁଣି ଅଛ ।

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ'ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)*

**ତାଲିବେ ଦୁଆ:** *Abdur Rahman Khan & Family, Jamat Ahmadiyya, Pankal (Odisha)*

ଅବୁ ଆମୀର୍ ରାହିବ୍ ତା'ର ଅନୁରୁପ ନୁହନ୍ତି ଅର୍ଥାତ ତୁମେ ଯେଉଁକଥା ଶୁଣିଛ ଯେ, ନବୀ ଆସିବାକୁ ଅଛନ୍ତି ବୋଲି ତା' ଅନୁସାରେ ଅବୁ ଆମୀର ରାହିବ୍ ତାହାର ଅନୁରୁପ ହୋଇପାରିବେ ନାହିଁ । ପୁଣି ସେମାନେ କହିଲେ ଯେ, ଏବେ ତୁମ ନିକଟକୁ ଏପରି ଜଣେ ବ୍ୟକ୍ତି ବିଶେଷ ଆସିବେ ଯାହାଙ୍କ ଚେହେରା ହସ ହସ ଥିବ ଯିଏ ଯୁଦ୍ଧ କରିବେ ତାଙ୍କ ଆଖିରେ ଲାଲିମା ଥିବ ସେ ୟମନ ପଟୁ ଆସିବେ ସେ ଓଟ ଉପରେ ଅରୋହଣ କରିବେ ସେ ଚାଦର ଓଢ଼ି ରଖିଥିବେ, ସେ ଅଳ୍ପରେ ସନ୍ତୁଷ୍ଟ ହେଉଥିବେ ତାଙ୍କ ତରବାରୀ ତାଙ୍କ କାନ୍ଧ ଉପରେ ଥିବ ସେ ବୁଦ୍ଧିମତାର ସହିତ ବାର୍ତାଳାପ କରୁଥିବେ ଯେମିତି ସେ, ହେଉଛନ୍ତି ତୁମର ଅତି ନିକଟ ସମ୍ପର୍କୀୟ । ଅଲ୍ଲାଃଙ୍କ ରାଣ ! ତୁମର ଏହି ବସ୍ତିରେ ଏବେ ଲୁଟ୍‌ପାତ ହେବ, ହତ୍ୟା ହେବ ଏବଂ ମୁସ୍‌ଲା (ଅର୍ଥାତ ମୃତ୍ୟୁପରେ ଆଖି, କାନ, ନାକ କାଟି ଦିଆଯିବ) ଏକଥା ଶୁଣି ଇହୁଦୀମାନେ କହିଲେ ଆମେ ତ ଏହିଭଳି କଥା କହୁଥିଲୁ । ସେ ଏହିସବୁ କଥାଗୁଡ଼ିକ ତାଙ୍କୁ ମନେ ପକାଇଦେଲେ ଯେ, ତୁମେ ଏହିଭଳି କଥା କହୁଥିଲ କିନ୍ତୁ ସେ ନବୀ ନୁହନ୍ତି ଅର୍ଥାତ ଆଁ ହଜ୍‌ରତ୍ ସ:ଆ:ସ ସେହି ନବୀ ନୁହନ୍ତି । ହଜ୍‌ରତ୍ ମୁହମ୍ମଦ୍ ବିନ୍ ମୁସ୍‌ଲିମା ର:ଅ କହିଲେ ଯେ, ମୁଁ ବର୍ତମାନ ମୋର ବାର୍ତା ଦେଇ ସାରିଛି ଓ ତୁମକୁ ଏହିକଥା ମନେ ପକାଇ ଦେଇସାରିଛି । ପୁଣି ସେ ଆଗକୁ କଥା ଆରମ୍ଭ କରି କହିଲେ ଯେ, ମତେ ରସୁଲୁଲ୍ଲାଃ ସ:ଆ:ସ ପଠାଇଛନ୍ତି ଓ ଏକଥା କହିଛନ୍ତି ଯେ, ଯେଉଁ ଚୁକ୍ତିକୁ ତୁମେମାନେ ନିଜ ପାଇଁ କାଏମ୍ କରିଥିଲ ତାହାକୁ ତୁମେମାନେ ଭଙ୍ଗ କରିଅଛ କାରଣ ତୁମେମାନେ ମତେ ଧୋକା ଦେବାପାଇଁ ଚେଷ୍ଟା କରିଅଛ । ହଜ୍‌ରତ୍ ମୁହମ୍ମଦ୍ ବିନ୍ ମୁସ୍‌ଲିମା ର:ଅ ଇହୁଦୀମାନଙ୍କୁ ସେମାନଙ୍କର ଚକ୍ରାନ୍ତ ସମ୍ବନ୍ଧରେ ବତାଇ ଦେଲେ ଯେ, ତୁମେମାନେ କିପରି ଆଁ ହଜ୍‌ରତ୍ ସ:ଆ:ସଙ୍କ ସମ୍ବନ୍ଧରେ ଏପରି ଚେଷ୍ଟା କରିଥିଲ । ତାହା ହେଉଛି ଏପରି କି, ଅମ୍‌ରୋ ବିନ୍ ଜହାଶ୍ କିପରି ଛାତ ଉପରକୁ ଚଢ଼ି ଯାଇଥିଲା ଯଦ୍ୱାରା ସେ, ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ପଥର ଫିଙ୍ଗି ଦେବ । ଏକଥା ଶୁଣି ସେମାନେ ନୀରବ ହୋଇଗଲେ ଓ ତାଙ୍କ ମୁହଁରୁ ଗୋଟିଏ ଶବ୍ଦ ମଧ୍ୟ ବାହାରିପାରିଲା ନାହିଁ । ପୁଣି ହଜ୍‌ରତ୍ ମୁହମ୍ମଦ୍ ବିନ୍ ମୁସ୍‌ଲିମା ର:ଅ ତାଙ୍କୁ କହିଲେ ଯେ, ଆଁ ହଜ୍‌ରତ୍ ସ:ଆ:ସ ଏକଥା କହିଛନ୍ତି କି, ତୁମେମାନେ ମୋର ଏହି ସହରରୁ ବାହାରି ଚାଲିଯାଅ । ମୁଁ ତୁମମାନଙ୍କୁ ୧୦ ଦିନର ସମୟ ଦେଉଅଛି ତା'ପରେ ଯଦି କିଏ ଏଠାରେ ଦୃଷ୍ଟିଗୋଚର ହେବ ମୁଁ ତାହାର ବେକ କାଟି ଉଡ଼ାଇ ଦେବି । ଏହା ଶୁଣି ଇହୁଦୀମାନେ କହିଲେ ହେ ଇବ୍‌ନେ ମୁସ୍‌ଲିମା ଆମେ ତ ଏକଥା ଭାବି ପାରିନଥିଲୁ ଯେ, ଅଓସ୍ କବିଲାର କୌଣସି ବ୍ୟକ୍ତି ଏ ବାର୍ତା ନେଇ ଆମ ନିକଟକୁ ଆସିବ ବୋଲି । ହଜ୍‌ରତ୍ ମୁହମ୍ମଦ୍ ବିନ୍ ମୁସ୍‌ଲିମା ର:ଅ କହିଲେ ଏବେ ହୃଦୟ ପରିବର୍ତନ ହୋଇ ସାରିଛି । କିଛିଦିନ ଇହୁଦୀମାନେ ପ୍ରସ୍ତୁତି ଚଳାଇଲେ ସେମାନଙ୍କର ବାହନ ଗୁଡ଼ିକ ଯୁଜଦର ନାମକ ସ୍ଥାନରେ ଥିଲା ସେ ସବୁକୁ ଅଣା ଗଲା । ଯୁଜଦର ହେଉଛି କୁବା ଆଡ଼କୁ ଯାଉଥିବା ମଦିନାଠାରୁ ଛଅ ମାଇଲ ଦୂରତାରେ ଗୋଟିଏ ଗୋଚର ଭୂମୀ ଯେଉଁଠାରେ ସେମାନଙ୍କର ପଶୁମାନେ ଚରୁଥିଲେ । ସେହି ବାହାନ ଗୁଡ଼ିକୁ ସେଠାରୁ ଅଣାଗଲା । ଏମାନେ ବନୁ ଅଶଜ୍‌ଅ କବିଲାଙ୍କଠାରୁ ଭଡ଼ାରେ ଓଟ ଆଣିଲେ ଓ ଏଠାରୁ ବାହାରି ଯିବାପାଇଁ ପ୍ରସ୍ତୁତି ସମ୍ପୂର୍ଣ୍ଣ କଲେ । ଏହା ହେଉଛି ଇତିହାସ ପୁସ୍ତକର ହୱାଲା

*(ସୁବ୍‌ଲୁଲ୍ ହୁଦା........ ଖଣ୍ଡ ୪, ପୃ-୩୧୭ ରୁ ୩୨୦...... ବେରୁତ ୧୯୯୩)*
*(ମୁଅଜମୁଲ୍ ବୁଲ୍‌ଦାନ ଖଣ୍ଡ-୨, ପୃ-୧୩୨)*

ଇହୁଦୀମାନଙ୍କର କେଉଁ ପ୍ରକାରର ସ୍ୱଭାବ ଥିଲା ? ଗୋଟିଏ ସ୍ଥାନରେ ଏକଥା ବର୍ଣ୍ଣିତ ଅଛି ଓ ସେଥିରେ ବନୁ କୁରୈଜା ର ବିଶ୍ୱାସଘାତକର ଘଟଣା ଉଲ୍ଲେଖ ଅଛି । ଯଦିଚ ଏହା ପୂର୍ବରୁ ହଜ୍‌ରତ ଅମାର୍ ବିନ୍ ୟାସିରଙ୍କ ସମ୍ବନ୍ଧରେ ବର୍ଣ୍ଣନା ହୋଇସାରିଛି କିନ୍ତୁ ଐତିହାସିକ ଦୃଷ୍ଟିକୋଣରୁ ଏଠାରେ ବର୍ଣ୍ଣନା କରିଦେବା ଜରୁରୀ ଅଟେ । ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି ର:ଅ ଲେଖୁଛନ୍ତି ଯେ,

"ବନୁ କୁରୈଜାର ମାମଲା ନିର୍ଦ୍ଧାରଣ ହେବାକୁ ଥିଲା । ତାଙ୍କର ବିଶ୍ୱାସଘାତକତା ଏପରି ନଥିଲା ଯେ, ତାହାକୁ ଅଣଦେଖା କରାଯିବ । ରସୁଲେ କରିମ୍ ସ:ଆ:ସ ଖନ୍ଦକ ଯୁଦ୍ଧରୁ ଲେଉଟିବା କ୍ଷଣି ନିଜ ସାହାବାମାନଙ୍କୁ କହିଲେ : ଘରେ ଆରାମ୍ କର ନାହିଁ ବରଂ ସଂଧ୍ୟା ପୂର୍ବରୁ ବନୁ କୁରୈଜା ର କିଲା ନିକଟରେ ପହଂଚିଯାଅ । ପୁଣି ଆପଣ ସ:ଆ:ସ ହଜ୍‌ରତ ଅଲି ର:ଅଙ୍କୁ ବନୁ କୁରୈଜାଙ୍କ ନିକଟକୁ ପଠାଇଲେ ଯେ, ସେ ତାଙ୍କୁ ଯାଇ ପଚାରନ୍ତୁ କି, ସେମାନେ ଚୁକ୍ତିକୁ ଖିଲାଫ କରି ଏପରି ବିଶ୍ୱାସଘାତକତା କାହିଁକି କଲେ ? ଏଥିରେ ବନୁ କୁରୈଜା ଲଜ୍ଜିତ ହେବା ପରିବର୍ତେ ବା କ୍ଷମା ମାଗିବା ବା କୌଣସି ପ୍ରକାରର ବାହାନା କରିବା ପରିବର୍ତେ ସେମାନେ ହଜ୍‌ରତ୍ ଅଲି ଓ ତାଙ୍କ ସହିତ ଯାଇଥିବା ସାଥିମାନଙ୍କୁ ଏଣୁତେଣୁ କହିବା ଆରମ୍ଭ କରିଦେଲେ ଏବଂ ରସୁଲୁଲ୍ଲାଃ ସ:ଆ:ସ ଏବଂ ଆପଣ ସ:ଆ:ସ କୁଟୁମ୍ବଙ୍କର ମହିଳାମାନଙ୍କୁ ଗାଳିଗୁଲଜ ଦେବା ଆରମ୍ଭ କରିଦେଲେ ଏବଂ ଏକଥା କହିଲେ ଆମେ ଜାଣିନାହୁଁ ମୁହମ୍ମଦ (ସ:ଆ:ସ) କିଏ ସେ ? ତାଙ୍କ ସହିତ ଆମର କୌଣସି ପ୍ରକାରର ଚୁକ୍ତି ହୋଇନାହିଁ । ହଜ୍‌ରତ୍ ଅଲି ର:ଅ ତାଙ୍କଠାରୁ ଏପରି ଉତର ଶୁଣି ଲେଉଟି ଆସିଲେ । ଏହି ସମୟରେ ରସୁଲୁଲ୍ଲାଃ ସ:ଆ:ସ ସାହାବାମାନଙ୍କ ସହିତ ଇହୁଦୀମାନଙ୍କ କିଲ୍ଲା ଆଡ଼କୁ ଯାଉଥିଲେ ଯେହେତୁ ଇହୁଦୀମାନେ କୁଭାଷା ପ୍ରୟୋଗ କରି ଗାଳିଗୁଲଜ କରୁଥିଲେ ଏବଂ ରସୁଲୁଲ୍ଲାଃ ସ:ଆ:ସଙ୍କ ପତ୍ନୀ ଓ ଝିଅମାନଙ୍କ ସମ୍ବନ୍ଧରେ ମଧ୍ୟ ଅଭାଷା ଭାଷା କହୁଥିଲେ । ତେଣୁ ହଜ୍‌ରତ୍ ଅଲି ର:ଅ ଏକଥା ଭାବି ଅର୍ଥାତ ଆପଣ ସ:ଆ:ସଙ୍କୁ ଏକଥା ଶୁଣିବାପରେ କଷ୍ଟ ହେବ ତେଣୁ ନିବେଦନ କଲେ ଯେ, ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ଆପଣ କାହିଁକି କଷ୍ଟ କରୁଛନ୍ତି ! ଆମେମାନେ ଏହି ଯୁଦ୍ଧପାଇଁ ଯଥେଷ୍ଟ ସୁତରାଂ ଆପଣ ସ:ଆ:ସ ଲେଉଟି ଚାଲି ଯାଆନ୍ତୁ । ଏଥିରେ ରସୁଲୁଲ୍ଲାଃ ସ:ଆ:ସ କହିଲେ ମୁଁ ଭାବୁଛି ଯେ, ସେମାନେ ଗାଳି ଦେଉଛନ୍ତି ଓ ତୁମେ ଏକଥା ଚାହୁଁନାହଁ କି ମୋ କାନରେ ସେହି ଗାଳିଗୁଲଜ ପଡୁ ବୋଲି । ହଜ୍‌ରତ୍ ଅଲି ର:ଅ କହିଲେ ଯେ, ହଁ ହେ ଅଲ୍ଲାଃଙ୍କ ରସୁଲ୍ ! କଥା ତ' ହେଉଛି ଏତିକି । ଏଥିରେ ରସୁଲୁଲ୍ଲାଃ ସ:ଆ:ସ କହିଲେ ଯଦି ସେମାନେ ଗାଳି ଗୁଲଜ କରୁଛନ୍ତି ତେବେ କଣ ହୋଇଗଲା । ମୁସା ନବୀ ତ ତାଙ୍କ ନିଜ ଲୋକ ଥିଲେ ତାଙ୍କୁ ମଧ୍ୟ ଏହାଠାରୁ ବଳି ଅଧିକା ଦୁଃଖ କଷ୍ଟ ପହଂଚାଇଥିଲେ । ଏହି କଥା କହି ଆପଣ ସ:ଆ:ସ ଇହୁଦୀମାନଙ୍କ କିଲ୍ଲା ଆଡ଼କୁ ଅଗ୍ରସର ହେଲେ କିନ୍ତୁ ଇହୁଦୀମାନେ କବାଟ ବନ୍ଦ କରି କିଲ୍ଲା ଭିତରେ ରହିଲେ ଏବଂ ମୁସଲମାନମାନଙ୍କ ସହିତ ଯୁଦ୍ଧ ଆରମ୍ଭ କରିଦେଲେ । ଏପରି କି, ସେମାନଙ୍କର ମହିଳାମାନେ ମଧ୍ୟ ଯୁଦ୍ଧରେ ସାମିଲ ହୋଇଥିଲେ । ସୁତରାଂ କିଲ୍ଲାର କାନ୍ଥ ତଳେ କିଛି ମୁସଲମାନ ବସିଥିଲେ ସେହି ସମୟରେ ଜଣେ ଇହୁଦୀ ମହିଳା ଉପରୁ ପଥର ଫିଙ୍ଗି ଜଣେ ମୁସଲମାନକୁ ମାରିଦେଲା କିନ୍ତୁ କିଛି ଦିନ ଘେରା ବନ୍ଦି ହେବା ପରେ ଇହୁଦୀମାନେ ଏକଥା ଅନୁଭବ କଲେ ଯେ, ସେମାନେ ଅଧିକ ସମୟ ଯୁଦ୍ଧ କରିପାରିବେ ନାହିଁ । ସୁତରାଂ ସେମାନଙ୍କର ସର୍ଦ୍ଦାର ରସୁଲୁଲ୍ଲାଃ ସ:ଆ:ସଙ୍କଠାରୁ ଏ ଆଶା ପୋଷଣ କଲେ ଯେ, ସେ ଅବୁ ଲୁବାବା ଅନ୍‌ସାରୀଙ୍କୁ ଯିଏ ତାଙ୍କର ବନ୍ଧୁ ଏବଂ ଅଓସ୍ କବିଲାର ସର୍ଦ୍ଦାର ଥିଲେ ତାଙ୍କ ନିକଟକୁ ପଠାନ୍ତୁ ଫଳତଃ ସେମାନେ ତାଙ୍କ ସହିତ ପରାମର୍ଶ କରିପାରିବେ । ଏଥିରେ ଆଁ ହଜ୍‌ରତ୍ ସ:ଆ:ସ ଅବୁ ଲୁବାବାଙ୍କୁ ପଠାଇଦେଲେ । ତାଙ୍କଠାରୁ ଇହୁଦୀମାନେ ଏ ପରାମର୍ଶ ନେଲେ ଯେ, କଣ ମୁହମ୍ମଦ ସ:ଆ:ସଙ୍କ ଏ ନିଷ୍ପତି ଯେ ତୁମେମାନେ ଫଇସଲାକୁ ମୋ ଠାରେ ନ୍ୟସ୍ତ କରି ତୁମେମାନେ ହତିଆର ଫିଙ୍ଗି ଦିଅ ଆମେ ଏକଥା ମାନି ନେବୁ ? ଅବୁ ଲୁବାବା ମୁହଁରୁ ତ କହିଲେ ହଁ ! କିନ୍ତୁ ନିଜ ଗଳା ଉପରେ ଏପରି ହାତ ମାରିଲେ ଯେପରି ହତ୍ୟା କରିବାପାଇଁ ଇଙ୍ଗିତ କରାଯାଇଥାଏ । ରସୁଲୁଲ୍ଲାଃ ସ:ଆ:ସ ସେ ପର୍ଯ୍ୟନ୍ତ ନିଜର କୌଣସି ଫଇସଲା ପ୍ରକାଶ କରିନଥିଲେ କିନ୍ତୁ ଅବୁ ଲୁବାବା ନିଜ ମନ ଭିତରେ ଏକଥା ଭାବୁଥିଲା ଯେ, ସେମାନଙ୍କର ସେହି ଅପରାଧର ଦଣ୍ଡ ହତ୍ୟା ବ୍ୟତିତ ଆଉ କଣ ହୋଇପାରେ କାରଣ ଯେଉଁ ବିରୋଧିମାନେ ଥିଲେ ଚୁକ୍ତି ଭଙ୍ଗ କରିବା ଇହୁଦୀମାନେ ଥିଲେ ସେମାନଙ୍କୁ ହତ୍ୟା ବ୍ୟତିତ ଆଉ କଣ ଦଣ୍ଡ ଦିଆଯାଇପାରେ । ବିନା ବୁଝିସୁଝି ଇସାରା କରିବା ସହିତ ଏମାନଙ୍କୁ ଗୋଟିଏ କଥା କହିଦେଲେ ଯାହା ପରିଶେଷରେ ସେମାନଙ୍କ ବିନାଶର କାରଣ ହେଲା ସୁତରାଂ ଇହୁଦୀମାନେ ଏକଥା କହିଲେ ଯେ, ଆମେମାନେ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସଙ୍କ ଫଇସଲାକୁ ଯଦି ମାନିନେଇଥାନ୍ତୁ ତେବେ ଅନ୍ୟ ଇହୁଦୀ କବିଲାମାନଙ୍କ ସଦୃଶ ସେମାନଙ୍କୁ ଅଧିକରୁ ଅଧିକ ଏ ଦଣ୍ଡ ଦିଆଯାଇଥାନ୍ତା ଯେ, ତାଙ୍କୁ ମଦିନାରୁ ଦେଶାନ୍ତର କରିଦିଆଯାଇଥାନ୍ତା କିନ୍ତୁ ସେମାନଙ୍କର ଦୁର୍ଭାଗ୍ୟ ଥିଲା ।" ଇହୁଦୀମାନେ ଫଇସଲାକୁ ମାନିଲେ ନାହିଁ ଏବଂ ଏକଥା କହିଲେ ଯେ, ଯଦି ସେମାନେ ମାନି ନେଇଥାନ୍ତେ ତେବେ ତାଙ୍କୁ କେବଳ ଦେଶାନ୍ତର ହେବାର ଦଣ୍ଡ ମିଳିଥାନ୍ତା କିନ୍ତୁ ସେମାନଙ୍କର ଦୁର୍ଭାଗ୍ୟ ଥିଲା ଯେ, ସେମାନେ ଏକଥା କହିଲେ ଯେ, ଆମେ ମୁହମ୍ମଦ ସ:ଆ:ସଙ୍କ ନିଷ୍ପତିକୁ ମାନିବାପାଇଁ ପ୍ରସ୍ତୁତ ନାହୁଁ ବରଂ ନିଜ ବନ୍ଧୁ କବିଲା ଅଓସ୍ ର ସର୍ଦ୍ଦାର ସାଆଦ୍ ବିନ୍ ମୁଆଜ୍ ର:ଅଙ୍କ ଫଇସଲାକୁ ମାନିବୁ । ସେ ଯେଉଁ ଫଇସଲା କରିବେ ଆମେ ତାହାକୁ ସ୍ୱୀକାର କରିବୁ କିନ୍ତୁ ସେ ସମୟରେ ଇହୁଦୀମାନଙ୍କ ମଧ୍ୟରେ ମତଭେ ଦେଖାଦେଲା । ଇହୁଦୀମାନଙ୍କ ମଧ୍ୟରୁ କେତେକ କହିଲେ ଯେ, ଆମ କୌମ୍ ଆମ ସହିତ ବିଶ୍ୱାସଘାତକତା କରିଛି ଓ ମୁସଲମାନମାନଙ୍କ କାର୍ଯ୍ୟକଳାପରୁ ପ୍ରମାଣ ହେଉଛି ଯେ, ସେମାନଙ୍କର ଧର୍ମ ହେଉଛି ସତ୍ୟ । ସୁତରାଂ ସେମାନେ ନିଜ ଧର୍ମକୁ ପରିତ୍ୟାଗ କରି ଇସ୍‌ଲାମ୍ ଗ୍ରହଣ କରିନେଲେ ତାଙ୍କ ଭିତରୁ ଜଣେ ତାଙ୍କ କୌମ୍‌ର ସର୍ଦ୍ଦାର ଅମ୍‌ରୋ ବିନ୍ ସୁଉଦି ନିଜର କୌମ୍‌କୁ ତିରସ୍କାର କରି କହିଲା ଯେ, ତୁମେମାନେ ବିଶ୍ୱାସଘାତକତା କରିଛ ଓ ଚୁକ୍ତିକୁ ଭଙ୍ଗ କରିଛ ଏବେ ମୁସଲମାନ ହୋଇଯାଅ ଅବା ଯିଜିୟା ଦେବାପାଇଁ ରାଜି ହୋଇଯାଅ । ଏଥିରେ ଇହୁଦୀମାନେ କହିଲେ, ନା' ତ ଆମେ ମୁସଲମାନ ହେବୁ ଓ ନା ଯିଜିୟା ଦେବୁ ।" ସେମାନଙ୍କ ମଧ୍ୟରୁ ଅଧିକାଂଶ ଲୋକଙ୍କର ଏହି ରାୟ ଥିଲା ଯେ, ହତ୍ୟା ହୋଇଯିବା ଭଲ ହେବ । ସୁତରାଂ ସେହି ବ୍ୟକ୍ତି ଜଣକ ତାଙ୍କୁ କହିଲେ ଯେ, ମୁଁ ତୁମମାନଙ୍କଠାରୁ ମୁକ୍ତ ହୋଇଯାଉଛି, ଏହି କଥା କହି ସେ କିଲ୍ଲା ଭିତରୁ ବାହାରି ବାହାରକୁ ଚାଲିଗଲା । ଯେତେବେଳେ ସେ କିଲ୍ଲାରୁ ବାହାରକୁ ବାହାରୁ ଥିଲା ସେତେବେଳେ ମୁସଲମାନମାନଙ୍କର ଗୋଟିଏ ଦଳ ଯାହାର ସର୍ଦ୍ଦାର ମୁହମ୍ମଦ ବିନ୍ ମୁସ୍‌ଲିମା ର:ଅ ଥିଲେ, ତାଙ୍କୁ ଦେଖିନେଲେ ଓ ପଚାରିଲେ ତୁମେ କିଏ, ସେ କହିଲା ମୁଁ ଅମୁକ ବ୍ୟକ୍ତି ଅଟେ । ଏହା ଶୁଣି ମୁହମ୍ମଦ ବିନ୍ ମୁସ୍‌ଲିମା ର:ଅ କହିଲେ, ***ଅଲ୍ଲାହୁମା ଲାତହରିମ୍‌ନି ଇକାଲତା ଅସ୍‌ରାତିଲ୍ କିରାମି*** ଅର୍ଥାତ ଆପଣ ଶାନ୍ତିର ସହିତ ଚାଲି ଯାଆନ୍ତୁ ତା'ପରେ ପୁଣି ସେ ଅଲ୍ଲାଃ ତାଲାଙ୍କ ନିକଟରେ ପ୍ରାର୍ଥନା କଲେ ହେ ଅଲ୍ଲାଃ ! ମତେ ଭଦ୍ର ବ୍ୟକ୍ତିମାନଙ୍କ ଦୋଷ

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ବନ କର । ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ''

*(ଖୁତ୍‌ବା ଯୁମାଃ: ପ୍ରଦତ ୦୧ ଜାନୁୟାରୀ ୨୦୧୬)*

**ତାଲିବେ ଦୁଆ:** *Sharafat Khan & Family,*
*Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

**ତାଲିବେ ଦୁଆ:** *Muhmmad Naimul Haque & Family,*
*Jamat Ahmadiyya, Pankal (Odisha)*

ଦୁର୍ବଳତାକୁ ଢ଼ାଙ୍କିଦେବାର ପୂଣ୍ୟ କାର୍ଯ୍ୟରୁ କଦାପି ବଂଚିତ କରନାହିଁ । ଅର୍ଥାତ ଏହି ବ୍ୟକ୍ତିଙ୍କର ଯେହେତୁ ନିଜ କର୍ମ ଓ ନିଜ ଜାତିର କର୍ମ ଯୋଗୁଁ ପଶ୍ଚାତାପ କରୁଥିଲା ତେଣୁ ଆମର ମଧ୍ୟ ଏହା ନୈତିକ ଦାୟିତ୍ୱ ଯେ, ଆମେ ତାକୁ କ୍ଷମା କରିଦେବା । ତେଣୁ ସେ ତାକୁ ବନ୍ଦି ନ କରି ଛାଡ଼ିଦେଲେ । ଈଶ୍ୱର ମତେ ସର୍ବଦା ଏହି ପରି ପୂଣ୍ୟ କାର୍ଯ୍ୟ କରିବାପାଇଁ ସୌଭାଗ୍ୟ ପ୍ରଦାନ କରନ୍ତୁ । ଯେତେବେଳେ ରସୁଲୁଲ୍ଲାଃ ସ:ଆ:ସ ଏହି ଘଟଣା ସମ୍ବନ୍ଧରେ ଜାଣିବାକୁ ପାଇଲେ ସେତେବେଳେ ସେ, ମୁହମ୍ମଦ ବିନ୍ ମୁସ୍‌ଲିମା ର:ଅଙ୍କୁ କିଛି କହିଲେ ନାହିଁ ଯେ, କାହିଁକି ସେ ଇହୁଦୀକୁ ଛାଡ଼ିଦେଲ ବରଂ ତାଙ୍କର ଏହି କାର୍ଯ୍ୟକୁ ପ୍ରଶଂସା କଲେ । *(ଦିବାଚା ତଫ୍‌ସିରୁଲ୍ କୁର୍‌ଆନ୍, ଅନୱାରୁଲ୍ ଉଲୁମ୍ ଖଣ୍ଡ-୨୦, ପୃ-୨୮୨-୨୮୪)*

ସୁତରାଂ ମୁସଲ୍‌ମାନମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଶିକ୍ଷା ଓ ପ୍ରଶିକ୍ଷଣ ମୁତାବକ ସର୍ବଦା ନ୍ୟାୟିକ ବ୍ୟବହାର କରିଛନ୍ତି । ଖୈବର୍ ନିବାସୀ ଯେତେବେଳେ ଦୁଷ୍ଟାମି କଲେ ଓ ଏହା ଦ୍ୱାରା ଅବୁ ରାଫେ ଇହୁଦୀଙ୍କୁ ହତ୍ୟା କରାଗଲା ତା'ର ଘଟଣାବଳୀ ହେଉଛି ଏପରି । ତାକୁ ହତ୍ୟା କରିବାପାଇଁ ସାହାବାମାନଙ୍କର ଯେଉଁ ଦଳକୁ ପଠାଯାଇଥିଲା ସେଥିରେ ମଧ୍ୟ ହଜ୍‌ରତ୍ ମୁହମ୍ମଦ ବିନ୍ ମୁସ୍‌ଲିମା ର:ଅ ସାମିଲ ଥିଲେ ଯିଏ ଅବୁ ରାଫେ ଇହୁଦୀକୁ ହତ୍ୟା କରିଥିଲେ । ହତ୍ୟା ତ ଜଣେ କରିଥିଲେ କିନ୍ତୁ ଯେଉଁ ଦଳଟି ସେଠାକୁ ଯାଇଥିଲା ସେଥିରେ ସେ ସାମିଲ ଥିଲେ । ହଜ୍‌ରତ୍ ସାହାବଯାଦା ମିର୍ଜା ବଶିର୍ ଅହେମଦ୍ ସାହେବ୍ ର:ଅ ସେହି ଘଟଣାର ବିବରଣୀ ଇତିହାସରୁ ନେଇ ଏଭଳି ବର୍ଣ୍ଣନା କରିଛନ୍ତି ଯେ, ଯେଉଁ ଇହୁଦୀ ରଇସ୍‌ମାନଙ୍କର ବିଭ୍ରାଟପୂର୍ଣ୍ଣ କାର୍ଯ୍ୟ ଓ ଉସୁକାଇବା କାର୍ଯ୍ୟ ଯୋଗୁଁ ପାଂଚ ହିଜ୍‌ରିର ଶେଷ ଆଡ଼କୁ ମୁସଲମାନମାନଙ୍କ ବିରୁଦ୍ଧରେ ଅହ୍‌ଜାର ଯୁଦ୍ଧର ଭୟଙ୍କର ବିଭ୍ରାଟ ସୃଷ୍ଟି ହୋଇଥିଲା  ସେମାନଙ୍କ ମଧ୍ୟରୁ ହୁୟି ବିନ୍ ଅଖ୍‌ତବ୍ ବନୁ କୁରୈଜା ସହିତ ନିଜର ପ୍ରାପ୍ତ ଦଣ୍ଡକୁ ପାଇ ସାରିଥିଲା କିନ୍ତୁ ସଲ୍ଲାମ୍ ବିନ୍ ଅବିଲ୍ ହକିକ୍ ଯାହାଙ୍କ କୁନିୟତ୍ ଅବୁ ରାଫେ ଥିଲା ସେ ଏ ପର୍ଯ୍ୟନ୍ତ ଖୈବର୍ ଇଲାକାରେ ସେହିପରି ସ୍ୱାଧୀନଭାବେ ନିଜ ବିଭ୍ରାଟପୂର୍ଣ୍ଣ କାର୍ଯ୍ୟକୁ କରିବାରେ ବ୍ୟସ୍ତ ଥିଲା ବରଂ ଅହ୍‌ଜାବ୍‌ର ଲଜ୍ଜାଜନକ ଅସଫଳତା ଏବଂ ପୁଣି ବନୁ କୁରୈଜାର ଭୟଙ୍କର ଫଳାଫଳ ତା'ର ଶତୃତାକୁ ଆହୁରି ଅଧିକ ବଢ଼ାଇ ଦେଇଥିଲା ଏବଂ ଯେହେତୁ ଗତ୍‌ଫାନ କବିଲାର ରହିବା ସ୍ଥାନ ଖୈବର୍ ନିକଟରେ ଥିଲା ଏବଂ ଖୈବର୍‌ର ଇହୁଦୀମାନେ ଓ ନଜଦ୍ ର କବିଲାଗୁଡ଼ିକ ମଧ୍ୟରେ ଆପୋଷରେ ପଡ଼ୋଶୀ ଭଳି ଥିଲେ ସେଥିପାଇଁ ଏବେ ଅବୁ ରାଫେ ଯିଏ ଜଣେ ବହୁତ ବଡ଼ ବଣିକ ଓ ଧନୀ ବ୍ୟକ୍ତି ହୋଇଯାଇଥିଲା । ସେ ନିଜର ଏ ଅଭ୍ୟାସ କରିଦେଇଥିଲା ଯେ, ନଜଦ୍‌ର ୱହ୍‌ଶି ଏବଂ ଯୁଦ୍ଧଖୋର୍ କବିଲାମାନଙ୍କୁ ମୁସଲମାନମାନଙ୍କ ବିରୋଧରେ ଉକୁସାଉ ଥିଲା ଏବଂ ରସୁଲୁଲ୍ଲାଃ ସ:ଆ:ସଙ୍କ ପ୍ରତି ରଖିଥିବା ଶତ୍ରୁ ମନଭାବରେ ସେ କାଆବ୍ ବିନ୍ ଅଶ୍‌ରଫ ର ସମ୍ପୁର୍ଣ୍ଣ ଅନୁରୂପ ଥିଲା । ସୁତରାଂ ସେ ଯୁଗରେ ଯାହା ସମ୍ବନ୍ଧରେ ଚର୍ଚ୍ଚା କରୁଅଛୁ ସେ ଗତ୍‌ଫାନି ମାନଙ୍କୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ବିରୋଧରେ ଆକ୍ରମଣ କରିବାପାଇଁ ବହୁ ମାତ୍ରାରେ ଧନଦଉଲତ ଦେଇ ସାହାଯ୍ୟ କରୁଥିଲା ଇତିହାସରୁ ଏହା ପ୍ରମାଣିତ ଯେ, ସୋବନ୍ ମାସରେ ବନୁ ସାଆଦ୍‌ଙ୍କ ତରଫରୁ ଯେଉଁ ବିପଦ ମୁସଲମାନମାନଙ୍କ ଉପରେ ପଡ଼ିଥିଲା ତାହାର ମୂଳପ୍ରାଟନ ପାଇଁ ହଜ୍‌ରତ୍ ଅଲୀ ର:ଅଙ୍କ ନେତୃତ୍ୱରେ ଗୋଟିଏ ସେନାଦଳ ମଦିନାରୁ ପ୍ରେରଣ କରାଯାଇଥିଲା ଏହା ପଛରେ ମଧ୍ୟ ଖୈବରର ଇହୁଦୀମାନଙ୍କର ହାତ ଥିଲା ଯେଉଁମାନେ ଅବୁ ରାଫେଙ୍କ ନେତୃତ୍ୱରେ ଏହିସବୁ ଦୁଷ୍ଟାମି କରୁଥିଲେ । କିନ୍ତୁ ଅବୁ ରାଫେ ଏତିକିରେ ହିଁ କ୍ଷ୍ୟାନ୍ତ ହେଲେ ନାହିଁ ତାଙ୍କ ଶତୃତାର ବହ୍ନି ମୁସଲମାନମାନଙ୍କର ରକ୍ତପିପାଷୁ ହୋଇଯାଇଥିଲା ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କର ଅସ୍ତିତ୍ୱ ତା ଆଖିରେ କଂଟା ସଦୃଶ ରହିଥିଲା । ସୁତରାଂ ପରିଶେଷରେ ସେ ଏ ଯୋଜନା କଲା ଯେ, ଅହ୍‌ଜାବ ଯୁଦ୍ଧ ସଦୃଶ ନଜଦ୍‌ର ଗତ୍‌ଫାନ କବିଲାଗୁଡ଼ିକୁ ଓ ଅନ୍ୟାନ୍ୟ କବିଲାଗୁଡ଼ିକୁ ଯାତ୍ରା କରିବା ଆରମ୍ଭ କଲା ଓ ସେମାନଙ୍କୁ ଯାଇ ମୁସଲମାନମାନଙ୍କ ବିରୋଧରେ ପ୍ରବର୍ତ୍ତାଇଲା ଯେ, କିପରି ମୁସଲମାନମାନଙ୍କୁ ଧ୍ୱଂସ କରାଯିବ ଓ ଗୋଟିଏ ବିଶାଳ ସୈନ୍ୟବାହିନୀ ଜମା କରିବା ଆରମ୍ଭ କରିଦେଲା ଯେତେବେଳେ ଏହି ପ୍ରକାରର ପରିସ୍ଥିତି ଉପୁଜିଲା ଓ ମୁସଲମାନମାନଙ୍କ ଆଖି ସାମ୍‌ନାରେ ପୁଣି ସେହି ଅହ୍‌ଜାବ୍ ଯୁଦ୍ଧର ଦୃଶ୍ୟ ଦେଖାଗଲା ସେତେବେଳ ଆଁ ହଜ୍‌ରତ୍ ସ:ଆ:ସଙ୍କ ସେବାରେ ଖଜ୍‌ରଜ୍ କବିଲାର କେତେଜଣ ଅନ୍‌ସାରୀ ଉପସ୍ଥିତ ହୋଇ କହିଲେ ଯେ, ଏବେ ଏହି ବିଭ୍ରାଟର ଉପଚାର ସେହି ବିଭ୍ରାଟର ସୁତ୍ରଧାର ଅବୁ ରାଫେଙ୍କୁ ହତ୍ୟା କରିଦେବାରେ ହିଁ ନିହିତ ରହିଛି । ଆଁ ହଜ୍‌ରତ୍ ସ:ଆ:ସ ଏହା ଉପରେ ଚିନ୍ତା କରିବାପରେ ଏଥିରେ ଉପନିତ ହେଲେ ଯେ, ଏ ଦେଶରେ ବ୍ୟାପକରୂପେ ରକ୍ତପାତ ହେବା ପରିବର୍ତେ ଜଣେ ବିଭ୍ରାଟକାରୀ ଓ ବିଶୃଙ୍ଖଳା ବ୍ୟକ୍ତିକୁ ମାରିଦେବା ହିଁ ଉତମ ହେବ । ସୁତରାଂ ସେହି ସାହାବିମାନଙ୍କୁ ଆପଣ ସ:ଆ:ସ ଅନୁମତି ପ୍ରଦାନ କଲେ ଓ ଅବ୍‌ଦୁଲ୍ଲାଃ ବିନ୍ ଅତିଫ୍ ଅନ୍‌ସାରୀ ର:ଅଙ୍କ ନେତୃତ୍ୱରେ ଚାରିଜଣ ଖଜ୍‌ରଜି ସାହାବିମାନଙ୍କୁ ଅବୁ ରାଫେଙ୍କ ଆଡ଼କୁ ପ୍ରେରଣ କଲେ । କିନ୍ତୁ ଯିବା ସମୟରେ ଏ ତାଗିଦ୍ କରିଦେଲେ ଯେ, କୌଣସି ମହିଳା ଓ ପିଲାଙ୍କୁ କଦାପି ହତ୍ୟା କରିବ ନାହିଁ । ସୁତରାଂ ଛଅ ହିଜ୍‌ରୀର ରମ୍‌ଜାନ ମାସରେ ଏହି ଚାରିଜଣିଆ ଦଳଟି ବାହାରିପଡ଼ିଲେ ଓ ଅତ୍ୟନ୍ତ ସର୍ତକତାର ସହିତ ନିଜ କାର୍ଯ୍ୟକୁ ସମ୍ପାଦନ କରି ଲେଉଟି ଆସିଲେ ଏହିପରି ସେହି ବିପଦର ବାଦଲ ମଦିନାରୁ ପରିବେଶରୁ ଟଳି ଗଲା । ଏହି ଘଟଣାର ବିବରଣୀ ବୁଖାରୀରେ ରହିଛି ସେଥିରେ ଏପରି ଦରଜ ହୋଇଛି ଯେ, ବରାଅ ବିନ୍ ଆଜିବ୍ ରିୱାୟତ କରୁଛନ୍ତି ଯେ, ଆଁ ହଜ୍‌ରତ୍ ସ:ଆ:ସ ନିଜ ସାହାବାମାନଙ୍କର ଗୋଟିଏ ଦଳକୁ ଅବୁ ରାଫେ ଇହୁଦୀଙ୍କ ଆଡ଼କୁ ପ୍ରେରଣ କଲେ ଓ ସେହି ଦଳର ଅମୀରରୂପେ ଅବ୍‌ଦୁଲ୍ଲାଃ ବିନ୍ ଅତିକ୍ ଅନ୍‌ସାରୀ ର:ଅଙ୍କୁ ନିୟୋଜିତ କଲେ । ଅବୁ ରାଫେର ଘଟଣାଟି ଏପରି

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

*ତାଲିବେ ଦୁଆ: Abdul Chand & Family,*
*Jamat Ahmadiyya, Kerang (Odisha)*

### ଅଲ୍ଲା ତାଲାଙ୍କ ବାଣୀ

''ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ୱଲିଇଉଁ ୱଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି''

*(ସୁରଃ ବକ୍‌ରାଃ: ୧୦୮)*

*ତାଲିବେ ଦୁଆ: Farzan Ali Khan & Family,*
*Jamat Ahmadiyya, Pankal (Odisha)*

## CORONA VIRUS ଦ୍ୱାରା ବ୍ୟାପୁଥିବା ମହାମାରୀ ରୋଗ ପାଇଁ ହୋମିଓପାଥି ଔଷଧ

ସାରା ଦୁନିଆରେ CORONA VIRUS କ୍ଷିପ୍ରଗତିରେ ବ୍ୟାପିଚାଲିଛି ତେଣୁ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଅତ୍ୟନ୍ତ ଦୟାପରବଶ ହୋଇ ନିମ୍ନଲିଖିତ ଔଷଧଗୁଡ଼ିକର ସେବନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି ।

### ପ୍ରତିଶେଧକ ନିମନ୍ତେ

(୧) ପ୍ରତିଶେଧକ ମୂଳକ ଔଷଧକୁ ଦୁଇ ସପ୍ତାହ ପର୍ଯ୍ୟନ୍ତ ନିୟମିତ ବ୍ୟବହାର କରି ପୁଣି ଏକ ସପ୍ତାହ ବିରତି ଦେଇ ତା'ପର ସପ୍ତାହ ବ୍ୟବହାର କରନ୍ତୁ । ଏହିପରି ଛଅ ସପ୍ତାହ ପର୍ଯ୍ୟନ୍ତ ଏହି କ୍ରମରେ ଦୋହରାନ୍ତୁ । ୫ ବର୍ଷରୁ କମ୍ ବୟସର ପିଲାମାନଙ୍କୁ କେବଳ ସପ୍ତାହରେ ଥରେ ଦିଅନ୍ତୁ ।

| | | |
|---|---|---|
| **Aconite - 200** | **Arsenic Alb - 200** | **Gelsemium - 200** |

(୨) ୫ ବର୍ଷରୁ ୧୫ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନେ ଓ ଗର୍ଭବତୀ ମହିଳାମାନଙ୍କ ପାଇଁ :

| | | | |
|---|---|---|---|
| (i) | **Aconite - 200** | **Arsenic Alb - 200** | **Gelsemium - 200** |

| | |
|---|---|
| (ii) | **Chelidonium Maj - 1x** |

ଏହି ଦୁଇପ୍ରକାରର ଔଷଧ ଅର୍ଥାତ (i) ଏବଂ (ii) ତିନି ଦିନ ଅନ୍ତରରେ ପାନେ ଲେଖାଏଁ (ଉଦାହରଣ ସ୍ୱରୁପ ସୋମବାର ଏବଂ ଗୁରୁବାର) ଦିନ ଗୋଟିଏ ଗୋଟିଏ ପାନ ଖାଆନ୍ତୁ । ଦଶ ବୁନ୍ଦା ଔଷଧ ଢ଼ୋକେ ଦି ଢ଼ୋକ ପାଣିରେ ମିଶାଇ ଖାଆନ୍ତୁ ।

(୩) ଏତତ୍‌ବ୍ୟତିତ ବାକି ସବୁ ଲୋକମାନଙ୍କ ନିମନ୍ତେ:

| | | |
|---|---|---|
| **Aconite - 200** | **Arsenic Alb - 200** | **Gelsemium - 200** |

ସପ୍ତାହରେ ଦୁଇଥର (ତିନି ଦିନ ଅନ୍ତରରେ) ଗୋଟିଏ ଗୋଟିଏ ପାନ ଏବଂ **Chelidonium Maj - 1x** ଦଶ ବୁନ୍ଦା ଢ଼ୋକେ ଦି ଢ଼ୋକ ପାଣିରେ ମିଶାଇ ସପ୍ତାହରେ ତିନିଥର (ଦୁଇ ଦିନ ଅନ୍ତରାଳରେ) ଗୋଟିଏ ଗୋଟିଏ ପାନ ।

### ରୋଗ ହୋଇଥିଲେ

| | | | |
|---|---|---|---|
| (i) | **Influenzinum-200** | **Bacillinum-200** | **Diphtherinum-200** |

ଗୋଟିଏ ସପ୍ତାହ ସକାଳେ ଓ ସଂନ୍ଧ୍ୟାରେ ତା'ପରେ ସପ୍ତାହକୁ ଦୁଇଥର (ତିନିଦିନ ଅନ୍ତରାଳରେ)

| | | | |
|---|---|---|---|
| (ii) | **Arnica-30** | **Baptisea-30** | **Arsenic Alb-30** |
| | **Heper Sulph-30** | **Nat. Sulph-30** | |

ଦିନରେ ଦୁଇ ରୁ ତିନିଥର

| | |
|---|---|
| (ii) | **Chelidonium Maj - 1x** |

ଦଶ ବୁନ୍ଦା ଢ଼ୋକେ ଦୁଇ ଢ଼ୋକ ପାଣିରେ ମିଶାଇ ଦିନରେ ଦୁଇଥର ଖାଇବା ପରେ ସେବନ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘

ଥିଲା ଯେ, ସେ ଆଁ ହଜ୍‌ରତ ସ:ଆ:ସଙ୍କୁ ଭୀଷଣ ଦୁଃଖକଷ୍ଟ ଦେଉଥିଲା ଓ ତାଙ୍କ ବିରୁଦ୍ଧରେ ଲୋକମାନଙ୍କୁ ଉସୁକାଉ ଥିଲା ଓ ସେମାନଙ୍କୁ ସାହାଯ୍ୟ କରୁଥିଲା । ଯେତେବେଳେ ଅବ୍‌ଦୁଲ୍ଲାଃ ବିନ୍ ଅତିକ୍ ଅନ୍‌ସାରୀ ର:ଅ ଏବଂ ତାଙ୍କ ସାଥିମାନେ ଅବୁ ରାଫେଙ୍କ କିଲ୍ଲା ନିକଟରେ ପହଂଚିଲେ ଓ ସୂର୍ଯ୍ୟ ଅସ୍ତ ହୋଇଗଲେ ସେତେବେଳେ ସେ ଅବ୍‌ଦୁଲ୍ଲାଃ ବିନ୍ ଅତିକ୍ ଅନ୍‌ସାରୀ ର:ଅ ନିଜ ସାଥିମାନଙ୍କୁ ପଛରେ ରଖିଦେଇ ନିଜେ କିଲ୍ଲାର ଫାଟକ ନିକଟରେ ପହଂଚିଲେ ଓ ଫାଟକ ନିକଟରେ ଚାଦର ଘୋଡ଼ି ଏପରି ବସିପଡ଼ିଲେ ଯେ, ଯେମିତି ଜଣେ ଭିକାରୀ ବସିଥାଏ । ଯେତେବେଳେ କିଲ୍ଲାର ଫାଟକୁ ବନ୍ଦ କରିବା ବାଲା ବ୍ୟକ୍ତିଜଣକ ଫାଟକ ନିକଟକୁ ଆସିଲା ସେ ଅବ୍‌ଦୁଲ୍ଲାଃ ବିନ୍ ଅତିକ୍ ଅନ୍‌ସାରୀ ର:ଅଙ୍କୁ ଦେଖିଲା ଓ କହିଲା ହେ ବ୍ୟକ୍ତି ମୁ କିଲ୍ଲାର ଫାଟକ ବନ୍ଦ କରିବାକୁ ଯାଉଛି ଯଦି ତୁମେ ଭିତରକୁ ଆସିବାକୁ ଚାହୁଁଛ ତେବେ ଶିଘ୍ର ଆସିଯାଅ । ଅବ୍‌ଦୁଲ୍ଲାଃ ବିନ୍ ଅତିକ୍ ଅନ୍‌ସାରୀ ର:ଅ ଚାଦରରେ ଘୋଡ଼ାଘୋଡ଼ି ହୋଇ ଶିଘ୍ରଶିଘ୍ର କିଲ୍ଲା ଭିତରକୁ ପ୍ରବେଶ କରି ଗୋଟିଏ କୋଣରେ ଯାଇ ଲୁଚିଗଲା । ଫାଟକ ବନ୍ଦ କରିବାବାଲା ଫାଟକକୁ ବନ୍ଦ କରିଦେବା ପରେ ଚାବିଟିକୁ ନିକଟରେ ଥିବା ଗୋଟିଏ ଖୁଂଟିରେ ଓହଳାଇ ଚାଲିଗଲା ।

ତା'ପରେ ଅବ୍‌ଦୁଲ୍ଲାଃ ବିନ୍ ଅତିକ୍ ଅନ୍‌ସାରୀ ର:ଅଙ୍କର ନିଜର ବୟାନ ଏପରି କି, ମୁଁ ଲୁଚିଥିବା ସ୍ଥାନରୁ ବାହାରିପଡ଼ିଲି ଓ ସର୍ବପ୍ରଥମେ ମୁଁ କିଲ୍ଲା ଫାଟକର ତାଲାକୁ ଖୋଲି ଦେଲି ଯଦ୍ୱାରା ଆବଶ୍ୟକ ପଡ଼ିଲେ ଶିଘ୍ରଶିଘ୍ର ସହଜରେ ବାହାରକୁ ବାହାରି ପଡ଼ିବି । ସେତେବେଳେ ଅବୁ ରାଫେ ଗୋଟିଏ ଚଉରା ଉପରେ ବସିଥିଲା ଓ ତା ନିକଟରେ ବହୁତ ଲୋକ ମଧ୍ୟ ମଜ୍‌ଲିସ୍ ଲଗାଇ ବସି ଆପୋଷରେ ବାର୍ତାଳାପ କରୁଥିଲେ । ଯେତେବେଳେ ସମସ୍ତେ ସେଠାରୁ ଉଠି ଚାଲିଗଲେ ଓ ପରିବେଶ ନୀରବ ହୋଇଗଲା ସେତେବେଳେ ମୁଁ ଅବୁ ରାଫେଙ୍କ ଘରର ସିଡ଼ି ମାଧ୍ୟମ ଦେଇ ଉପରକୁ ଚଢ଼ିଗଲି । ଓ ମୁଁ ସତର୍କତାର ସହିତ ଏ କାର୍ଯ୍ୟ କରୁଥିଲି ଯେ, ଯେଉଁ କବାଟଟି ମୋ ସମ୍ମୁଖରେ ଆସୁଥିଲା ମୁଁ ତା ଭିତରକୁ ଯାଇ ଭିତରଆଡୁ ତାକୁ ବନ୍ଦ କରିଦେଉଥିଲି ଯେତେବେଳେ ମୁଁ ଅବୁ ରାଫେଙ୍କ କୋଠରୀ ଭିତରେ ପହଂଚିଲି ସେତେବେଳେ ସେ, ଆଲୋକବତୀ କୁ ଲିଭାଇ ଶୋଇବାପାଇଁ ପ୍ରସ୍ତୁତି କରୁଥିଲେ ଓ କୋଠରୀଟି ସମ୍ପୂର୍ଣ୍ଣରୂପେ ଅନ୍ଧାର ହୋଇଯାଇଥିଲା । ମୁଁ ପାଟିକରି ଅବୁ ରାଫେଙ୍କୁ ଡ଼ାକିଲି ଏହା ଶୁଣି ସେ କହିଲା କିଏ ସେ? ସୁତରାଂ ମୁଁ ତା'ର ଶବ୍ଦକୁ ଶୁଣି ସେହି ଦିଗକୁ ଅନୁମାନ କରି ତରବାରୀ ଦ୍ୱାରା ଆକ୍ରମଣ କରିଦେଲ କିନ୍ତୁ ଯେ ହେତୁ ଅଧିକ ଅନ୍ଧାର ଥିଲା ଓ ସେତେବେଳେ ମୁଁ ମଧ୍ୟ ଘାବରାଇ ଯାଇଥିଲି ତେଣୁ ତରବାରୀର ପ୍ରହାର ସଠିକ୍ ପଡ଼ିଲା ନାହିଁ । ଅବୁ ରାଫେ ଚିତ୍କାର କରିବାକୁ ଲାଗିଲା ଓ ମୁଁ ସେହ କୋଠରୀରୁ ବାହାରକୁ ବାହାରି ଗଲି ପୁଣି କିଛି ସମୟପରେ ମୁଁ ସେହି କୋଠରୀ ଭିତରକୁ ଯାଇ ମୋ ନିଜର ସ୍ୱରକୁ ପରିବର୍ତନ କରାଇ ପଚାରିଲି, ଅବୁ ରାଫେ ଏଭଳି ପାଟିତୁଣ୍ଡ କଣ ଶୁଭୁଥିଲା? ମୋର ସ୍ୱର ପରିବର୍ତନ କରିବାର ଶୈଳୀକୁ ଚିହ୍ନିନପାରି କହିଲା ମୋ ଉପରେ ବର୍ତମାନ କେହିଜଣେ ତରବାରୀରେ ଆକ୍ରମଣ କରିଛି । ମୁଁ ତା'ର ଏକଥା ଶୁଣି ପୁଣି ତା ଆଡ଼କୁ ଡ଼ିଆଁ ମାରି ତରବାରୀରେ ପ୍ରହାର କଲି ଏ ଥରକ ପ୍ରହାର ଟି ଠିକ୍ ଯାଗାରେ ପଡ଼ିଲା କିନ୍ତୁ ପୁଣି ମଧ୍ୟ ସେ ମଲା ନାହିଁ ତା'ପରେ ମୁଁ ତୃତୀୟ ପ୍ରହାର କରି ତାକୁ ହତ୍ୟା କରିଦେଲି ।

ତା'ପରେ ମୁଁ ଶିଘ୍ରଶିଘ୍ର କବାଟଗୁଡ଼ିକୁ ଖୋଲି କୋଠରୀର ବାହାରକୁ ବାହାରି ଆସିଲି କିନ୍ତୁ ଯେତେବେଳେ ମୁଁ ପାହାଚରୁ ତଳକୁ ଓହ୍ଲାଉଥିଲି ଆଉ କିଛି ପାଦ ଥିଲା ଯେ, ମୁଁ ଭାବିଲି ବୋଧହୁଏ ସବୁତକ ପାହାଚ ମୁଁ ଓହ୍ଲାଇ ପଡ଼ିଛି ସୁତରାଂ ମୁଁ ଅନ୍ଧାରରେ ତଳେ ପଡ଼ିଗଲି ଏହା ଦ୍ୱାରା ମୋ ନଳୀଗୋଡ଼ ଭାଙ୍ଗିଗଲା । ଆଉ ଗୋଟିଏ ରିଓ୍ୱାୟତରେ ଏପରି ଆସିଛି ଯେ, ଗୋଡ଼ର ଯେଉଁ ଚକି ଥିଲା ତାହା ଖସିଗଲା କିନ୍ତୁ ମୁଁ ତାକୁ ନିଜ ପଗଡ଼ୀ ଦ୍ୱାରା ବାନ୍ଧି ଦେଇ ଘୁସୁଡ଼ି ଘୁସୁଡ଼ି ବାହାରକୁ ଚାଲି ଆସିଲି କିନ୍ତୁ ମୁଁ ମନେ ମନେ ଏକଥା ଭାବୁଥିଲି ଯେ, ଯେ ପର୍ଯ୍ୟନ୍ତ ଅବୁ ରାଫେର ମୃତ୍ୟୁ ବିଷୟ ମୁଁ ସନ୍ତୋଷଜନକ ରୂପେ ନ ପାଇଛି ସେ ପର୍ଯ୍ୟନ୍ତ ମୁଁ ଏଠାରୁ ଯିବି ନାହିଁ ଅତଃ ମୁଁ କିଲ୍ଲା ନିକଟରେ ଗୋଟିଏ ସ୍ଥାନରେ ଲୁଚି ବସିପଡ଼ିଲି । ଯେତେବେଳେ ସକାଳ ହେଲା କିଲ୍ଲା ଭିତରୁ କାହାର ପାଟି ମୋ କାନ ଶୁଣିଲା ଯେ, ଅବୁ ରାଫେ ବଣିକ ଅଜାଜ୍ ମରିଗଲେ ।

ତା'ପରେ ମୁଁ ସେଠାରୁ ଉଠି ଧିରେ ଧିରେ ଯାଇ ମୋ ସାଥିମାନଙ୍କ ସହିତ ମିଶିଲି ତା'ପରେ ପୁଣି ଆମେମାନେ ମଦିନାରେ ପହଂଚି ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଅବୁ ରାଫେଙ୍କ ହତ୍ୟା ହେବାର ଖବର ଦେଲୁ । ଆଁ ହଜ୍‌ରତ୍ ସ:ଆ:ସ ସମସ୍ତ ଘଟଣା ଶୁଣି ମତେ ନିର୍ଦ୍ଦେଶ ଦେଲେ ଯେ, ନିଜର ଗୋଡ଼କୁ ଆଗକୁ ବଢ଼ାଅ ମୁଁ ଆଗକୁ କରିବା କ୍ଷଣି ଆଁ ହଜ୍‌ରତ୍ ସ:ଆ:ସ ଦୁଆ କରି ମୋ ଗୋଡ଼ ଉପରେ ନିଜର ପବିତ୍ର ହାତକୁ ଆଉଁଷି ଦେଲେ ତା'ପରେ ମୁଁ ଏହା ଅନୁଭବ କଲି ଯେ, ଯେମିତି ମୋତେ କୌଣସି ପ୍ରକାରର କଷ୍ଟ ହେଉନଥିଲା ।

ଆଉ ଗୋଟିଏ ରିଓ୍ୱାୟତ ମଧ୍ୟ ଆସୁଛି ଯେ, ଯେବେ ଅବ୍‌ଦୁଲ୍ଲାଃ ବିନ୍ ଅତିକ୍ ଅନ୍‌ସାରୀ ର:ଅ ଅବୁ ରାଫେଙ୍କ ଉପରେ ଆକ୍ରମଣ କଲେ ସେତେବେଳେ ତା' ସ୍ତ୍ରୀ ବହୁତ ଜୋର୍‌ରେ ଚିତ୍କାର କରିବାକୁ ଲାଗିଲା ଏହା ଶୁଣି ମୁଁ ଚିନ୍ତାରେ ପଡ଼ିଗଲି ଯେ, ଏଭଳି ଚିତ୍କାରକୁ ଶୁଣି ଅନ୍ୟ ଲୋକମାନେ ସତର୍କ ନ ହୋଇଯାଆନ୍ତୁ ସୁତରାଂ ମୁଁ ତା ସ୍ତ୍ରୀକୁ ମାରିବାପାଇଁ ତରବାରୀ ଉଠାଇଲି କିନ୍ତୁ ମତେ ସେତେବେଳେ ଏକଥା ମନେ ପଡ଼ିଗଲା ଯେ, ଆଁ ହଜ୍‌ରତ୍ ସ:ଆ:ସ ମହିଳାଙ୍କୁ ହତ୍ୟା କରିବାପାଇଁ ମାନ କରିଛନ୍ତି । ସୁତରାଂ ମୁଁ ସେଥିରୁ ନିବୃତ ରହିଲି ।

ପୁଣି ସିରତ୍ ଖାତ୍‌ମୁନ୍ ନବିଇନ୍ ପୁସ୍ତକରେ ଲେଖା ହୋଇଛି ଯେ, ଅବୁ ରାଫେଙ୍କୁ ହତ୍ୟା କରିବାର ଔଚିତ୍ୟତା ସମ୍ବନ୍ଧରେ ଏଠାରେ କୌଣସି ପ୍ରକାର ତର୍କ କରିବା ଆବଶ୍ୟକ ନାହିଁ । ଅବୁ ରାଫେଙ୍କୁ ହତ୍ୟା କରାଯିବା ବିଷୟ ଇତିହାସର ଏକ ଉନ୍ମୁକ୍ତ ଫର୍ଦ୍ଦ ଓ ଏହିପରି ଘଟଣା ସିହତ ମିଶିଯାଉଥିବା ଗୋଟିଏ ଘଟଣା ର ବିବରଣୀ କାଆବ୍ ବିନ୍ ଅଶ୍‌ରଫ୍ କୁ ହତ୍ୟା କରାଯିବା ସମ୍ବନ୍ଧରେ ବର୍ଣ୍ଣନା ହୋଇସାରିଛି ।

ସେ ସମୟରେ ମୁସଲମାନମାନେ ବହୁତ ଦୁର୍ବଳ ଅବସ୍ଥାରେ ଚର୍ତୁଦିଗରୁ ମୁସିବତ୍‌ରେ ପଡ଼ିଯାଇଥିଲେ ସମଗ୍ର ଦେଶଟି ମୁସଲମାନମାନଙ୍କୁ ନିଶେଷ କରିଦେବାପାଇଁ ଏକାଠି ହୋଇଥିଲା ଏପରି ଘଡ଼ିଶନ୍ଧି ମୁହୁର୍ତରେ ଅବୁ ରାଫେ ଆରବର ବିଭିନ୍ନ କବିଲାଗୁଡ଼ିକୁ ଇସ୍‌ଲାମ୍ ବିରୋଧରେ ଉସୁକାଉଥିଲା । (ଏଠାରେ ମୁଁ ସାରାଶଂ ବର୍ଣ୍ଣନା କରୁଛି ପୁରା ଇତିହାସ ବର୍ଣ୍ଣନା କରୁନାହିଁ କି, କାହିଁକି ତାକୁ ହତ୍ୟା କରାଯିବା ଉଚିତ ଥିଲା?) ସେ ଏହାର ପ୍ରସ୍ତୁତି ଚଳାଇଥିଲା ଯେ, ଅହ୍‌ଜାବ୍ ଯୁଦ୍ଧ କ୍ଷେତ୍ର ଆଡ଼କୁ ଆରବର ହିଂସ୍ର କବିଲାଗୁଡ଼ିକ ପୁଣି ଏକାଠି ହୋଇ ମଦିନା ଉପରେ ଆକ୍ରମଣ କରିଦିଅନ୍ତୁ । ଆରବରେ ସେତେବେଳେ କୌଣସି ସରକାର ନଥିଲା ଯେ, ତାହା ଜରିଆରେ ଏହାକୁ ରୋକାଯାଇଥାନ୍ତା । ବରଂ ପ୍ରତ୍ୟେକ କବିଲା ନିଜେ ହିଁ ନିଜ ସ୍ଥାନରେ ସ୍ୱାଧୀନ ଥିଲା । କେବଳ ନିଜ ସୁରକ୍ଷାପାଇଁ ନିଜେ ହିଁ କୌଣସି ପ୍ରକାରର ଯୋଜନା କରିବା ବ୍ୟତିତ ଆଉ କୌଣସି ଉପାୟ ହିଁ ନଥିଲା

*(ସିରତ୍ ଖାତମୁନ୍ ନବିଇନ୍ ପୃ- ୭୨୧-୭୨୪)*

ପଛ ଖୁତ୍‌ବାରେ ଏହାର ବିବରଣୀ ମଧ୍ୟ ବର୍ଣ୍ଣନା ହୋଇସାରିଛି ଯେ, ଏହାର କଣ ସବୁ କାରଣମାନ ଥିଲା? କୌଣସି ସରକାର ନଥିଲା ଓ ଯେଉଁ ସରକାର ଥିଲା ତାହା ଆଁ ହଜ୍‌ରତ୍ ସ:ଆ:ସଙ୍କ ନିଜର ଥିଲା । ସେ ଯାହା ହେଉ ଏହିଭଳି ପରିସ୍ଥିତିରେ ସାହାବାମାନେ ଯାହା କିଛି କଲେ ତାହା ବିଲ୍‌କୁଲ୍ ଠିକ୍ ଓ ଉଚିତ ଥିଲା ଏହିଭଳି ଯୁଦ୍ଧ ର ପରିସ୍ଥିତିରେ ଯେତେବେଳେ ଗୋଟିଏ ଜାତି ଜୀବନ ଓ ମୃତ୍ୟୁ ସହିତ ସଂଘର୍ଷ କରୁଥାଏ ସେତେବେଳେ ଏହି ପ୍ରକାରର ଯୋଜନା କରିବା ବିଲ୍‌କୁଲ୍ ଉଚିତ ମଣା ଯାଇଥାଏ ।

ହଜରତ୍ ଉମର୍ ର:ଅ ହଜ୍‌ରତ ମୁହମ୍ମଦ୍ ବିନ୍ ମୁସ୍‌ଲିମା ର:ଅଙ୍କୁ ନିଜ ଖିଲାଫତ୍‌ଙ୍କ ସମୟରେ ଜୁହୈନା କବିଲାରୁ ଯକାତ୍ ଅସୁଲ୍ କରିବାପାଇଁ ନିୟୋଜିତ କରିଥିଲେ । ଯେବେ କେବେ କୌଣସି ଆମିଲ୍ (ଖଜଣା ଅସୁଲକାରୀ)ଙ୍କ ଖିଲାଫରେ ଖିଲାଫତ୍‌ର ଦର୍‌ବାରରେ ଅଭିଯୋଗ ହୋଇଥାଏ ସେତେବେଳେ ହଜ୍‌ରତ୍ ଉମର୍ ର:ଅ ଅନୁସନ୍ଧାନ କରିବାପାଇଁ ତାଙ୍କୁ ପଠାଉଥିଲେ । ହଜରତ୍ ଉମର୍ ର:ଅଙ୍କୁ ତାଙ୍କ ଉପରେ ଭରଷା ଥିଲା ସେଥିଯୋଗୁଁ ସରକାରୀ ଖଜଣା ଅସୁଲ୍ କରିବାପାଇଁ ମଧ୍ୟ ହଜ୍‌ରତ ମୁହମ୍ମଦ୍ ବିନ୍ ମୁସ୍‌ଲିମା ର:ଅଙ୍କୁ ପଠାଉଥିଲେ । ସେ ହଜ୍‌ରତ୍ ଉମର୍ ର:ଅଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ଇଲାକାଗୁଡ଼ିକୁ ଯାଇ କଠିନ ମାମଲାଗୁଡ଼ିକୁ ସମାଧାନ କରିବାପାଇଁ ନିୟୋଜିତ ହୋଇଥିଲେ । କୁଫାରେ ହଜ୍‌ରତ୍ ସାଆଦ୍ ବିନ୍ ଅବୀ ଓ୍ୱକାସ୍ ର:ଅ ଗୋଟିଏ ପ୍ରାସାଦ ନିର୍ମାଣ କଲେ ତାହାର ନିରୀକ୍ଷଣ କରିବାପାଇଁ ସେ ହଜ୍‌ରତ୍ ଉମରଙ୍କର ପ୍ରତିନିଧି ଥିଲେ । ସେ ସମ୍ବନ୍ଧରେ ରିଓ୍ୱାୟତ ଏପରି ଆସୁଛି ଯେ, ହଜ୍‌ରତ୍ ଉମର୍ ର:ଅଙ୍କୁ ଯେତେବେଳେ ଏକଥା ଜଣାପଡ଼ିଲା ଯେ, ହଜ୍‌ରତ୍ ସାଆଦ୍ ବିନ୍ ଅବୀ ଓ୍ୱକାସ୍ ଗୋଟିଏ ପ୍ରାସାଦ ନିର୍ମାଣ କରିଛନ୍ତି ଓ ସେଥିରେ ଏମିତି ଫାଟକ ଲଗାଇଛନ୍ତି ଯଦ୍ୱାରା ଶବ୍ଦ ଶୁଣାଯାଉନାହିଁ ସୁତରାଂ ହଜ୍‌ରତ୍ ଉମର୍ ର:ଅ ହଜ୍‌ରତ ମୁହମ୍ମଦ ବିନ୍ ମୁସ୍‌ଲିମା ର:ଅଙ୍କୁ ସେଠାକୁ ପଠାଇଲେ । ହଜ୍‌ରତ୍ ଉମର୍‌ଙ୍କର ଏ ଅଭ୍ୟାସ ଥିଲା ଯେ, ସେ ତାଙ୍କ ଇଛା ମୁତାବକ କୌଣସି କାର୍ଯ୍ୟ କରିବାପାଇଁ ଚାହୁଁଥିବା ସ୍ଥଳେ ହଜ୍‌ରତ ମୁହମ୍ମଦ୍ ବିନ୍ ମୁସ୍‌ଲିମା ର:ଅଙ୍କୁ ତାହା କରିବାପାଇଁ ପ୍ରେରଣ କରୁଥିଲେ । ହଜ୍‌ରତ୍ ଉମର୍ ର:ଅ ତାଙ୍କୁ ଏ ନିର୍ଦ୍ଦେଶ ଦେଲେ ଯେ, ସାଆଦ୍‌ଙ୍କ ନିକଟରେ ପହଂଚି ତାଙ୍କ ଫାଟକକୁ ଜଳାଇଦେବ । ସୁତରାଂ ସେ ଯାଇ କୁଫାରେ ପହଂଚିଲେ ଓ ସେହି ଫାଟକ ନିକଟରେ ପହଂଚି ଚକମକି ପଥର ବାହାର କରି ନିଆଁ ଲଗାଇଲେ ତା'ପରେ ସେହି ଫାଟକଟିକୁ ଜଳାଇଦେଲେ । ଯେତେବେଳେ ହଜ୍‌ରତ୍ ସାଆଦ୍ ଏକଥା ଜାଣିଲେ ସେ ବାହାରକୁ ଚାଲିଆସିଲେ । ହଜ୍‌ରତ ମୁହମ୍ମଦ୍ ବିନ୍ ମୁସ୍‌ଲିମା ର:ଅ ତାଙ୍କୁ ସବୁ କଥା ଶୁଣାଇଦେଲେ ଯେ, ମୁଁ କାହିଁକି ଏହାକୁ ଜଳାଇଲି *(ଅଲ୍‌ଅସାବା ଫିତମିଜି ସାହାବା ଖଣ୍ଡ-୬, ପୃ-୨୮, ମହମ୍ମଦ ବିନ୍ ମୁସ୍‌ଲିମା ର:ଅ)*

ହଜ୍‌ରତ ଉସ୍‌ମାନ ର:ଅଙ୍କ ଶହୀଦ ହେବାପରେ ହଜ୍‌ରତ୍ ମୁହମ୍ମଦ ବିନ୍ ମୁସ୍‌ଲିମା ର:ଅଙ୍କ ସମ୍ବନ୍ଧରେ ଏକଥା ମିଳୁଛି ଯେ, ସେ ହଜ୍‌ରତ୍ ଉସ୍‌ମାନଙ୍କ ଶହୀଦ ପରେ ଏକାନ୍ତରେ ଯାଇ ରହିବାକୁ ଲାଗିଲେ ଓ ଗୋଟିଏ କାଠର ତରବାରୀ ତିଆରି କରି ରଖିଲେ । ସେ କହୁଥିଲେ ଯେ, ଆଁ ହଜ୍‌ରତ୍ ସ:ଆ:ସଙ୍କର ମୋ ପାଇଁ ଏପରି ନିର୍ଦ୍ଦେଶ ଥିଲା । ହଜ୍‌ରତ୍ ମୁହମ୍ମଦ ବିନ୍ ମୁସ୍‌ଲିମା ର:ଅ ବର୍ଣ୍ଣନା କରୁଛନ୍ତି ଯେ, ରସୁଲୁଲ୍ଲାଃ ସ:ଆ:ସ ମତେ ଗୋଟିଏ ତରବାରୀ ଉପହାର ଦେଲେ ଓ କହିଲେ ଯେ, ଏହା ସାହାଯ୍ୟରେ ମୁସ୍‌ରିକ୍ ମାନଙ୍କ ସହିତ ଜିହାଦ୍ କରିବ ଯେ ପର୍ଯ୍ୟନ୍ତ ସେମାନେ ତୁମ ସହିତ ଯୁଦ୍ଧ ଜାରି ରଖିଥିବେ ଏବଂ ଯେତେବେଳେ ତୁମେ ମୁସଲମାନମାନଙ୍କୁ ଦେଖିବ ଯେ, ସେମାନେ ଆପୋଷରେ ଯୁଦ୍ଧ କରିବା ଆରମ୍ଭ କରିଦେଇଛନ୍ତି, ସେତେବେଳେ ତରବାରୀକୁ କୌଣସି ପଥର ଉପରେ ଆଘାତ ଦେବ ଯେମିତି ତାହା ଭାଙ୍ଗିଯିବ ପୁଣି ନିଜ ଘରେ ସେ ପର୍ଯ୍ୟନ୍ତ ବସି ରହିବ ଯେ ପର୍ଯ୍ୟନ୍ତ କୌଣସି ଦୋଷୀର ହାତ ତୁମ ନିକଟରେ ପହଂଚି ତୁମ ମୃତ୍ୟୁର କାରଣ ନ ହୋଇଛି । ସୁତରାଂ ସେ ଏପରି ହିଁ କଲେ ସେ ଫିତ୍‌ନା ଫସାଦ୍‌ରୁ ଅଲଗା ହୋଇଗଲେ ଓ ଜମଲ୍ ଯୁଦ୍ଧ ଏବଂ ସିଫିନ୍ ଯୁଦ୍ଧରେ ସାମିଲ ହେଲେ ନାହିଁ । *(ଉସ୍‌ଦୁଲ୍ ଗାବାଃ ଖଣ୍ଡ-୪, ପୃ-୩୧୯ ଏବଂ ଅଲ୍‌ଅସାବା ଖଣ୍ଡ-୬, ପୃ-୨୯ ମୁହମ୍ମଦ ବିନ୍ ମୁସଲିମା)*

ଜୁବୈୟା ବିନ୍ ହୁସୈନ୍ ସାଲବି ବର୍ଣ୍ଣନା କରୁଛନ୍ତି ଯେ, ଆମେ ହଜ୍‌ରତ୍ ହୁଜୈଫା ର:ଅଙ୍କ ନିକଟରେ ବସିଥିଲୁ ସେ ଆମକୁ ବତାଇଲେ ଯେ, ମୁଁ ଏମିତି ଏକ ବ୍ୟକ୍ତିକୁ ଜାଣିଛି ଯାହାଙ୍କୁ କୌଣସି ଫିତ୍‌ନା କ୍ଷତି ପହଂଚାଇ ପାରିବନାହିଁ ଆମେ କହିଲୁ ସେ କିଏ ହଜ୍‌ରତ୍ ହୁଜୈଫା ର:ଅ କହିଲେ ସେ ହେଉଛନ୍ତି ହଜ୍‌ରତ୍ ମହମ୍ମଦ ବିନ୍ ମୁସ୍‌ଲେମା ଅନ୍‌ସାରୀ ର:ଅ । ପୁଣି ଯେତେବେଳେ ହଜ୍‌ରତ୍ ହୁଜୈଫା ର:ଅ ମୃତ୍ୟୁବରଣ କଲେ ଏବଂ ଫିତ୍‌ନା ପ୍ରକାଶ ହୋଇଗଲା ମୁଁ ମଦିନାରୁ ବାହାରି ଯାଉଥିବା

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

# : ଖୁତ୍‌ବା ଜୁମା :

''ଅଲ୍ଲାଃ ତାଲାଙ୍କ କୃପା ଓ ଦୟାବଳରେ ସେହି ପେଶ୍‌ଗୋଇ ମୋ ଅସ୍ତିତ୍ୱରେ ପୂରଣ ହୋଇସାରିଛି, ଯାହାକୁ ପୂରଣ ହେବାପାଇଁ ବହୁତ ଦିନରୁ ଅପେକ୍ଷା କରାଯାଇଥିଲା । ଅଲ୍ଲାଃ ତାଲା ସେ ବିଷୟରେ ନିଜର ଦିବ୍ୟବାଣୀ ଓ ଜ୍ଞାନ ଦ୍ୱାରା ମତେ ବତାଇ ଦେଲେ ଯେ,

**ପେଶ୍‌ଗୋଇ ମୋ ଅସ୍ତିତ୍ୱରେ ପୁରଣ ହୋଇ ସାରିଛି ।**

ଏବଂ ଏବେ ଇସ୍‌ଲାମ୍‌ର ଶତୃମାନଙ୍କ ଉପରେ ଯୁକ୍ତି ସମ୍ପୁର୍ଣ୍ଣ ହୋଇସାରିଛି ଓ ତାଙ୍କ ଉପରେ ଏହା ସ୍ୱଷ୍ଟ ହୋଇ ସାରିଛି ଯେ, ଇସ୍‌ଲାମ୍ ହେଉଛି ଖୁଦାତାଲାଙ୍କ ସର୍ଚ୍ଚା ଧର୍ମ, ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସ ଖୁଦାତାଲାଙ୍କ ସଚ୍ଚା ରସୁଲ୍ ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ହେଉଛନ୍ତି ଖୁଦାତାଲାଙ୍କ ସଚ୍ଚା ଦୂତ ।'' (ଅଲ୍‌ମୁସ୍‌ଲେହ୍ ମଉଦ୍ ର:ଅ)

---

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସୁପୁତ୍ର ହଜ୍‌ରତ୍ ମିର୍ଜା ବଶିରୁଦ୍ଦିନ୍ ମହ୍‌ମୁଦ୍ ଅହ୍‌ମଦ୍ ଖଲିଫତୁଲ୍ ମସିହ୍ ସାନି ର:ଅଙ୍କ ଅସ୍ତିତ୍ୱରେ ପେଶ୍‌ଗୋଇ ମୁସ୍‌ଲେହ୍ ମଉଦ ପୁରା ହେବା, ସେହି ପେଶ୍‌ଗୋଇର ଉଦ୍ଦେଶ୍ୟମାନ ଏବଂ ଏ ବିଷୟରେ ଯମାତ୍ ଅହେମଦୀୟାର ସଦସ୍ୟମାନଙ୍କର କର୍ତବ୍ୟ ଓ ଦାୟିତ୍ୱର ବର୍ଣ୍ଣନା

**ପେଶ୍‌ଗୋଇ ମୁସ୍‌ଲେହ୍ ମଉଦ ସମ୍ବନ୍ଧରେ କରାଯାଇଥିବା କେତେକ ଆପତି ଅଭିଯୋଗର ସାନ୍ତ୍ୱନାମୂଳକ ବୌଦ୍ଧିକ ଉତର**

''ଅନ୍ତଃ ଓ ବାହ୍ୟଜ୍ଞାନ'' ରେ ପରିପୂର୍ଣ୍ଣ ହୋଇଥିବା ଦୃଷ୍ଟିକୋଣରୁ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅଙ୍କ ବୌଦ୍ଧିକ କିର୍ତୀର ସଂକ୍ଷିପ୍ତ ଚର୍ଚ୍ଚା

---

ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅଙ୍କ ପୁସ୍ତକ, ଲିଟ୍‌ରେଚର ଏବଂ ଭାଷଣଗୁଡ଼ିକର ଗ୍ରନ୍ଥ ''ଅନ୍‌ୱାରୁଲ୍ ଉଲୁମ୍''କୁ ପଢ଼ିବାପାଇଁ ଉପଦେଶ ।

---

ମୋହ୍‌ତରମା ମରିୟମ୍ ଏଲିଜାବେଥ୍ ସାହିବା ପତ୍ନୀ ମୋହତରମ୍ ମଲକ୍ ଉମର୍ ଅଲୀ ଖୋଖର୍ ସାହେବ୍ ମୁଲ୍‌ତାନ୍‌ର ରଇସ୍ ଏବଂ ପୂର୍ବତନ ଅମୀର ଯମାତ୍ ମୁଲ୍‌ତାନ୍ ଏବଂ ଅଜିଜ୍ ଜାହିଦ୍ ଫାରିସ୍ ଅହେମଦ୍ (ୱାକିଫେ ନୌ)ଙ୍କ ଦେହାନ୍ତ । ମୃତକମାନଙ୍କର ସୁଗୁଣାବଳୀର ଚର୍ଚ୍ଚା ଏବଂ ନାମଜ ଯନାଜାଃ ଗାଏବ୍ ପାଠ ।

ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]
(ପ୍ରଦତ୍‌ତ: ୨୧ ଫେବୃୟାରୀ ୨୦୨୦ ଅନୁଯାୟୀ ୨୧ ତବ୍‌ଲିଗ୍ ୧୩୯୯ ହିଜ୍‌ରି ଶମ୍‌ସି)

**ଖୁତ୍‌ବା ଜୁମାର ଏହି ଆଲ୍ଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - اَلرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ଯମାତ୍ ଅହେମଦୀୟାରେ ୨୦ ଫେବୃୟାରୀର ଦିନଟି ୟୋମେ ମୁସ୍‌ଲେହ୍ ମଉଦ୍ (ମୁସ୍‌ଲେହ୍ ମଉଦଙ୍କ ଦିନ) ଭାବେ ବିଶେଷ ରୂପେ ମନେରଖାଯାଇଥାଏ ଏବଂ ସମସ୍ତ ଯମାତ୍ ଗୁଡ଼ିକରେ ୟୋମେ ମୁସ୍‌ଲେହ ମଉଦ ପ୍ରସଙ୍ଗରେ ଜଲ୍‌ସାମାନ ମଧ୍ୟ ଅନୁଷ୍ଠିତ କରାଯାଇଥାଏ । ଯଦିଚ ମୁଁ ଏକଥା ଅନେକ ସ୍ଥାନରେ ସ୍ୱଷ୍ଟ କରିସାରିଛି କିନ୍ତୁ ନୂଆ ପିଢ଼ିର ପିଲାମାନଙ୍କ ପାଇଁ ପୁନର୍ବାର ଏହା ସ୍ୱଷ୍ଟ କରିଦେଉଛି ଯେ ୟୋମେ ମୁସ୍‌ଲେହ ମଉଦ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି, ହଜ୍‌ରତ୍ ମୁସ୍‌ଲେହ୍ ମଉଦ ର:ଅଙ୍କ ଜନ୍ମଦିନ ପାଳନ କରିବା ଉପଲକ୍ଷେ ପାଳନ କରାଯାଇନଥାଏ ବରଂ ଗୋଟିଏ ପେଶ୍‌ଗୋଇ (ଭବିଷ୍ୟବାଣୀ) ପୁରଣ ହୋଇଥିବାର ସ୍ମୃତିରେ ପାଳନ କରାଯାଇଥାଏ । ଏପରି ପେଶ୍‌ଗୋଇ ଯାହା ଇସ୍‌ଲାମ୍‌ର ଶ୍ରେଷ୍ଠତା ପ୍ରତିପାଦନ କରିବାପାଇଁ ଓ ସତ୍ୟତାକୁ ପ୍ରମାଣିତ କରିବା ପାଇଁ ଅଲ୍ଲାଃ ତାଲାଙ୍କ ଐଶିବାଣୀ ଅନ୍ତର୍ଗତ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କରିଥିଲେ । ତାହା ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅଙ୍କ ଜନ୍ମର ତିନିବର୍ଷ ପୂର୍ବରୁ କରାଯାଇଥିଲା । ସେଥିରେ ଜଣେ ଇସ୍‌ଲାମ୍‌ର ସେବକ ପ୍ରତିଶୃତି ପୁତ୍ରଙ୍କ ସମ୍ବନ୍ଧରେ ଖବର ଦିଆଯାଇଥିଲା ଯାହାଙ୍କୁ ଶତୃମାନଙ୍କ ପାଇଁ ଏକ ଚିହ୍ନ/ ନିଦର୍ଶନ ରୂପେ ଅଭିହିତ କରାଯାଇଥିଲା ଅତଃ ଗତକାଲି ୨୦ ଫେବୃୟାରୀ ଥିଲା । ଏହି ପେଶ୍‌ଗୋଇକୁ ୧୩୪ (ଶହେ ଚଉତିରିଶି ବର୍ଷ) ହୋଇଗଲାଣି । ଶହେ ବର୍ଷରୁ ଉର୍ଦ୍ଧ ସମୟ ହେବ ଏହା ଏକ ଚମକପ୍ରଦ ନିଦର୍ଶନ ରୂପେ ଝଟ୍‌କୁ ଅଛି । ସେ ଯାହା ହେଉ ଯେମିତି କି ମୁଁ କହିସାରିଛି ଯେ ଏହି ଉପଲକ୍ଷେ ଯମାତ୍ ଗୁଡ଼ିକରେ ଜଲ୍‌ସାମାନ ଅନୁଷ୍ଠିତ ହୋଇଥାଏ । କିନ୍ତୁ ଗୋଟିଏ ଦୁଇ ଘଂଟାର ଜଲ୍‌ସାରେ ସମସ୍ତ ବିଷୟ ବସ୍ତୁ ଓ ଏହାର ଗୁରୁତ୍ୱ ଏବଂ ଏହା ପୁରଣ ହେବାର ବୈଭବ ବର୍ଣ୍ଣନା କରାଯାଇପାରିବ ନାହିଁ । ଅତଃ ଯେବେ ଜଲ୍‌ସାରେ ଏହାକୁ ସମ୍ପୁର୍ଣ୍ଣରୂପେ ବର୍ଣ୍ଣନା କରିବା ଅସମ୍ଭବ ତେବେ ଗୋଟିଏ ଖୁତ୍‌ବାରେ ଏହା ବିଭିନ୍ନ ପାର୍ଶ୍ୱ ଓ ଦୀଗ ସମ୍ବନ୍ଧରେ ବର୍ଣ୍ଣନା କରିବା ବିଲ୍‌କୁଲ୍ ଅସମ୍ଭବ । ତେଣୁ ମୁଁ ଚିନ୍ତା କରିଛି ଯେ ସେହି ସବୁ ଖାସ୍ ଟିପ୍ପଣୀ ଗୁଡ଼ିକ ମଧ୍ୟରୁ କିଛି ବର୍ଣ୍ଣନା କରିବି ଯାହାର ବ୍ୟାଖ୍ୟା ଓ ବିବରଣୀ ସ୍ୱୟଂ ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅ ବର୍ଣ୍ଣନା କରିଛନ୍ତି । ହଜ୍‌ରତ ମୁସ୍‌ଲେହ୍ ମଉଦ୍ ର:ଅ ଯାହା ବର୍ଣ୍ଣନା କରିଛନ୍ତି ତାହାକୁ ପଢ଼ିବା ଓ ଶୁଣିବାରେ ଏକ ନିଆରା ଅନୁଭବ ହୋଇଥାଏ । ସେ ଯାହା ହେଉ ଏହି ସଂକ୍ଷିପ୍ତ ହୱାଲା ଗୁଡ଼ିକରୁ ମଧ୍ୟ ଅନୁମାନ ଲଗାଯାଇପାରେ କି ଏହି ପେଶ୍‌ଗୋଇର ଗଭୀରତା କେତେ ରହିଛି ଓ କେତେ ବୈଭବର ସହିତ ଏହା ହଜ୍‌ରତ୍ ମସିହ୍ ମୁଦ୍ ଆ:ସଙ୍କ ପ୍ରତିଶୃତି ପୁତ୍ରଙ୍କ ଅସ୍ତିତ୍ୱରେ ପୂରଣ ହେଲା ।

ସେ ଯାହା ହେଉ ପ୍ରଥମେ ମୁଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଭାଷାରେ ପେଶ୍‌ଗୋଇର ବାକ୍ୟ ଏବଂ ବିବରଣୀ ବର୍ଣ୍ଣନା କରୁଛି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜ ପେଶ୍‌ଗୋଇ ସମ୍ବନ୍ଧରେ ଚର୍ଚ୍ଚା କରି କହୁଛନ୍ତି, ଏବଂ ବିରୋଧିମାନଙ୍କୁ ପେଶ୍‌ଗୋଇ ମୁସ୍‌ଲେହ୍ ମଉଦ୍ ସମ୍ବନ୍ଧରେ ବତାଇ ଏକଥା କହୁଛନ୍ତି ଯେ:

**ବିଇଲହାମିଲ୍ଲାହି ତାଆଲା ୱ ଇଲାମିହି ଅଜ୍ଜ ୱ ଯଲ୍ଲାଃ** ଅଶେଷ ଦୟାଳୁ କରୁଣାମୟ ଓ ଶ୍ରେଷ୍ଠତମ ଈଶ୍ୱର ଯିଏ ପ୍ରତ୍ୟେକ କାର୍ଯ୍ୟ କରିବାକୁ ପୂର୍ଣ୍ଣ ରୂପେ ସକ୍ଷମ । **(ଯଲ୍ଲ ଶାନୁହୁ ୱ ଅଜ୍ଜଇସ୍‌ମୁହୁ)** ମତେ ନିଜର ଏଲହାମ୍ ଦ୍ୱାରା ସମ୍ବୋଧନ କରି କହିଲେ ଯେ ମୁଁ ତୁମକୁ ଏକ କରୁଣାର ନିଦର୍ଶନ ପ୍ରଦାନ କରୁଛି, ଏହା ସେହି ପରିପ୍ରେକ୍ଷିରେ ଯାହା ତୁମେ ମୋ ନିକଟରୁ ଇଚ୍ଛା କରିଅଛ । ସୁତରାଂ ମୁଁ ତୁମ ବ୍ୟାକୁଳ ନିବେଦନକୁ ଶୁଣିଲି ଓ ତୁମ ପ୍ରାର୍ଥନାକୁ ନିଜ କରୁଣା ଦ୍ୱାରା ଗ୍ରହଣୀୟତା ପ୍ରଦାନ କଲି ଏବଂ ତୁମ ଯାତ୍ରାକୁ (ଯାହା ହୁଶିୟାରପୁର୍ ଓ ଲୁଧିୟାନାର ଯାତ୍ରା ଅଟେ) ତୁମ ପାଇଁ ମୁବାରକ୍ କରିଦେଲି । ତେଣୁ ଶକ୍ତି, କରୁଣା ଓ ସମୀପତାର ନିଦର୍ଶନ ତୁମକୁ ଦିଆଯାଇଅଛି । କୃପା ଓ ଅନୁଗ୍ରହର ନିଦର୍ଶନ

ତୁମକୁ ପ୍ରଦାନ କରାଯାଉଅଛି ଏବଂ ବିଜୟ ଓ ସଫଳତାର ଚାବିକାଠି ତୁମକୁ ମିଳୁଅଛି ହେ ବିଜୟୀ ତୁମ ଉପରେ ଶାନ୍ତି ବର୍ଷଣ ହେଉ । ଖୁଦାତାଲା ଏହା କହିଲେ ଫଳତଃ ଯେଉଁମାନେ ଜୀବନ ଚାହୁଁଛନ୍ତି, ସେମାନେ ମୃତ୍ୟୁର ପଞ୍ଜାରୁ ମୋକ୍ଷ ପାଇବେ ଏବଂ ଯେଉଁମାନେ କବର ଭିତରେ ପଡ଼ି ରହିଛନ୍ତି, ସେମାନେ ବାହାରକୁ ବାହାରିବେ ଫଳତଃ ଇସ୍‌ଲାମ୍ ଧର୍ମର ସମ୍ମାନ ଓ ଐଶିବାଣୀର ମହିମା ଲୋକମାନଙ୍କ ଉପରେ ପରିପ୍ରକାଶ ହେବ ଏବଂ ସତ୍ୟ ତାହାର ସମସ୍ତ ବରକତ୍ (ବୈଭବ)କୁ ନେଇ ଉପସ୍ଥିତ ହେବ ଓ ମିଥ୍ୟା ନିଜର ସମସ୍ତ ଅଶୁଭତାକୁ ସାଥିରେ ନେଇ ଚାଲିଯିବ ଯଦ୍ୱାରା ଲୋକମାନେ ଏହା ଜାଣି ନେବେ ଯେ ମୁଁ ହେଉଛି ସର୍ବଶକ୍ତିମାନ ଯାହା ଇଚ୍ଛା କରେ ତାହା କରିଥାଏ ଏବଂ ସେମାନେ ବିଶ୍ୱାସ କରିନେବେ ଯେ ମୁଁ ତୁମ ସହିତ ଅଛି । ଯେଉଁମାନେ ଖୁଦାଙ୍କ ଅସ୍ତିତ୍ୱ ଉପରେ ବିଶ୍ୱାସ ଆଣୁନାହାନ୍ତି ଏବଂ ଖୁଦା ଓ ଖୁଦାଙ୍କ ଧର୍ମ, ତାହାଙ୍କ ପୁସ୍ତକ ଓ ତାହାଙ୍କ ପବିତ୍ର ରସୁଲ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କୁ ମାନୁନାହାନ୍ତି ଓ ମିଥ୍ୟାଚାରୀ ରୂପେ ଅଭିହିତ କରୁଛନ୍ତି, ସେମାନଙ୍କୁ ଏକ ସ୍ୱଷ୍ଟ ନିଦର୍ଶନ ମିଳୁ ଓ ଅପରାଧିମାନଙ୍କ ମାର୍ଗ ପ୍ରକାଶ ହୋଇଯାଉ ।

ତେଣୁ ତୁମକୁ ସୁସମାଚାର ଦିଆଯାଇଛି ଯେ ଏକ ସୁନ୍ଦର ଓ ପବିତ୍ର ପୁତ୍ର ତୁମକୁ ପ୍ରଦାନ କରାଯିବ । ଏକ ପବିତ୍ର ଦାସ (ପୁତ୍ର) ତୁମକୁ ମିଳିବ । ସେହି ପୁତ୍ର ତୁମ ଔରଷରୁ ତୁମର ହିଁ ସନ୍ତାନ ଓ ବଂଶଜ ହେବ । ସୁନ୍ଦର ପବିତ୍ର ପୁତ୍ର ତୁମର ଅତିଥି ଆସୁଛନ୍ତି, ତାହାଙ୍କ ନାମ ଅନ୍‌ମୁୱାଇଲ୍ ଓ ବଶିର ମଧ ଅଟେ । ତାଙ୍କୁ ପବିତ୍ର ଆତ୍ମା ପ୍ରଦାନ କରାଯାଇଅଛି ଏବଂ ସେ ଘୃଣ୍ୟତାରୁ ପବିତ୍ର ଅଟନ୍ତି ଓ ସେ ଅଲ୍ଲାଃଙ୍କ ଜ୍ୟୋତି ଅଟନ୍ତି । ସେ ହେଉଛନ୍ତି ପବିତ୍ରମୟ ଯିଏ ଆକାଶରୁ ଆସୁଛନ୍ତି । ତାଙ୍କ ସହିତ ଫଜଲ ଅଛି ଯାହା ତାଙ୍କ ଆଗମନ ସହିତ ଆସିବ । ସେ ବୈଭବଶାଳୀ, ମହିମାମଣ୍ଡିତ ଓ ବିତଶାଳୀ ହେବ । ସେ ସଂସାରକୁ ଆସିବ ଓ ନିଜର ମସିହ ନଫସ୍ (ଅର୍ଥାତ ଆରୋଗ୍ୟ ପ୍ରଦାନକାରୀ ଅସ୍ତିତ୍ୱ ଦ୍ୱାରା) ଓ ସତ୍ୟପ୍ରାଣର ଅନୁଗ୍ରହରୁ ବହୁତ ଲୋକଙ୍କୁ ରୋଗମୁକ୍ତ କରାଇବ । ସେ ହେଉଛନ୍ତି ଅଲ୍ଲାଃଙ୍କ ବାଣୀ କାରଣ ଖୁଦାଙ୍କ କରୁଣା ଓ ସ୍ୱାଭିମାନ ତାଙ୍କୁ ଶ୍ରେଷ୍ଠବାଣୀ ଦେଇ ପଠାଇଛନ୍ତି । ସେ ଅତ୍ୟନ୍ତ ବୁଦ୍ଧିମାନ ଓ ଜ୍ଞାନୀ ହେବ ଏବଂ ଉଦାରଚରିତ୍ର ସମ୍ପନ୍ନ, ଅନ୍ତଃ ଓ ବାହ୍ୟଜ୍ଞାନରେ ପରିପୂର୍ଣ୍ଣ ହେବ ଏବଂ ସେ ତିନିକୁ ଚାରି କରିବ (ଏହାର ଅର୍ଥ ବୁଝିହେଲା ନାହିଁ) । **ଦୋଶମ୍ବା ହୈ ମୁବାରକ୍ ଦୋଶମ୍ବା ଫର୍‌ଜନ୍ଦ୍ ଦିଲ୍‌ବନ୍ଦ ଗିରାମି ଅର୍‌ଯମନ୍ଦ୍ ମଜ୍‌ହରୁଲ୍ ଅୱ୍ୱଲେ ୱଲ୍ ଆଖିରି, ମଜ୍‌ହରୁଲ୍ ହକ୍କି ୱଲ୍ ଅଲାଇ, କାନଲ୍ଲାହା ନଜଲା ମିନସ୍ ସମାଇ ।** ତାଙ୍କର ଅବତୀର୍ଣ୍ଣ ହେବା ବହୁତ ବୈଭବପୂର୍ଣ୍ଣ ଓ ଅଲ୍ଲାଃଙ୍କ ପ୍ରତାପ ପରିପ୍ରକାଶର କାରଣ ହେବ । ଜ୍ୟୋତି, ଯାହାକୁ ଈଶ୍ୱର ନିଜ ପ୍ରସନ୍ନଚିତ ଅତର ଦ୍ୱାରା ସୁବାସିତ କରିଛନ୍ତି । ଆମେ ତାହାଙ୍କ ମଧରେ ନିଜର ଆତ୍ମା ରଖିବୁ ଓ ଈଶ୍ୱରଙ୍କ ଛତ୍ରଛାୟା ତାହାଙ୍କ ମୁଣ୍ଡ ଉପରେ ରହିବ । ସେ ଶିଘ୍ରଶିଘ୍ର ବଢ଼ିବ ଓ କଏଦୀମାନଙ୍କ ମୁକ୍ତିର କାରଣ ହେବ । ସେ ପୃଥିବୀର କୋଣ ଓ ଅନୁକୋଣ ପର୍ଯ୍ୟନ୍ତ ପ୍ରସିଦ୍ଧି ଲାଭ କରିବ ଓ କୌମ୍ ତାହାଙ୍କଠାରୁ ବର୍‌କତ୍ ପାଇବେ ତା'ପରେ ଯାଇ ନିଜର ଜୀବନ ବିନ୍ଦୁ ଆକାଶ ଆଡ଼କୁ ଉଡ଼ାଇ ଦିଆଯିବ । ''ୱକାନା ଅମ୍‌ରମ୍ ମକ୍‌ଜିୟା'' ।

*(ଆଇନା ଏ କମାଲାତେ ଇସ୍‌ଲାମ୍, ରୁହାନୀ ଖଜାଇନ୍ ଖଣ୍ଡ-୫, ପୃ-୬୪୭)*

ଏହା ହେଉଛି ସେହି ପେଶ୍‌ଗୋଇ ବାକ୍ୟ (କଥନ) ଯାହା ମଧ୍ୟରେ ପ୍ରତିଶୃତି ପୁତ୍ରଙ୍କ ବିଶେଷତା ଓ ବିଭିନ୍ନ ପାର୍ଶ୍ୱ ବର୍ଣ୍ଣିତ ରହିଛଇ । ଅଲ୍ଲାଃଙ୍କ ନିକଟରୁ ଐଶି ଚିହ୍ନ ମାଗିବା ପାଇଁ ହଜ୍‌ରତ ମସିହ୍ ମଉଦ୍ ଆ:ସ ଯେଉଁ ଚିଲ୍ଲା (ଅର୍ଥାତ ଏକାନ୍ତରେ ଅଲ୍ଲାଃଙ୍କୁ ଧ୍ୟାନ) କରିଥିଲେ, ତା'ଫଳରେ ଅଲ୍ଲାଃ ତାଲା ତାଙ୍କୁ ଯେଉଁ ଏଲ୍‌ହାମ୍ (ସ୍ୱର୍ଗବାଣୀ) କଲେ, ସେ ସମ୍ବନ୍ଧରେ ସବିଶେଷ ବର୍ଣ୍ଣନା ମୁଁ ଏବେ ବର୍ଣ୍ଣନା କରିଲି । ସେହି ଚିଲ୍ଲା କରିବାର ସ୍ଥାନ ନିରୁପଣ କରିବା, ସେଥିରେ ଯେଉଁ ପ୍ରାର୍ଥନା ସେ କରିଥିଲେ ତାହାର ଗ୍ରହଣୀୟ ହେବା ସମ୍ବନ୍ଧରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ମୁସ୍‌ଲେହ ମଉଦ୍ ଆ:ସ ପେଶ୍‌ଗୋଇ କରିଥିଲେ । ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ "ଆଜିଠାରୁ ପୁରା ଅଠାବନ ବର୍ଷ ପୂର୍ବେ (ଯେତେବେଳେ ସେ ଏକଥା ବର୍ଣ୍ଣନା କରୁଥିଲେ ସେତେବେଳେ ଏହି ପେଶ୍‌ଗୋଇକୁ ଅଠାବନ ବର୍ଷ ହୋଇଥିଲା) ତାହା ଆଜି ଅଣଷଠି ବର୍ଷରେ ପ୍ରବେଶ କରିଛି । ୨୦ ଫେବୃୟାରୀ ୧୮୮୬ ମସିହା ଦିନ ଏହି ହୁଶିୟାରପୁର୍ ସହରରେ (ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଏହି ଖୁତ୍‌ବା ଟି ହୁଶିୟାରପୁରଠାରେ ଦେଉଥିଲେ । ସେ କହୁଛନ୍ତି ଯେ ଏହି ହୁଶିୟାରପୁର ସହରରେ) ଏହି କୋଠରୀରେ (ଯେଉଁଠି ସେ ଛିଡ଼ା ହୋଇଥିଲେ ସେ ଇସାରା କରି କହିଲେ) ଯାହା ଏବେ ମୋ ଆଙ୍ଗୁଳି ସମ୍ମୁଖରେ ରହିଛଇ । ଏପରି ଏକ ଘର ଯାହା ସେ ସମୟରେ 'ତୱିଲା' କୁହାଯାଉଥିଲା । ତା'ର ଅର୍ଥ ହେଉଛି ଏହା କି ସେହି ସ୍ଥାନଟି ରହିବା ଯୋଗ୍ୟ ଅସଲ ସ୍ଥାନ ନଥିଲା । (ତାହା କୌଣସି ଘର ନଥିଲା) ବରଂ ଜଣେ ମହାଜନ ଲୋକର ଏକାଧିକ ଘରମାନଙ୍କ ମଧ୍ୟରୁ ଏକ ଘର ଥିଲା (ଯାହାକୁ ବେଳେ ବେଳେ ଉନ୍‌କିସିୟା ରୂପେ ବ୍ୟବହାର କରାଯାଇଥାଏ) ଯେଉଁଥିରେ କାଳେ କେତେବେଳେ ସଂଯୋଗବସତଃ ଅତିଥି ରହିଯାଉଥିବେ ବା ସେ ତାହାକୁ ଷ୍ଟୋର ରୁମ୍ ଭାବେ ବ୍ୟବହାର କରୁଥିବେ ବା ଆବଶ୍ୟକ ସ୍ଥଳେ ପଶୁମାନଙ୍କୁ ବାନ୍ଧି ରଖାଯାଉଥିବା" (ଗୋଟିଏ ଅଲଗା ସ୍ଥାନ ଓ କୋଠାରୀ ବାହାରେ ଥିଲା) । ହଜ୍‌ରତ ମୁସ୍‌ଲେହ୍ ମଉଦ୍ ର:ଅ କହୁଛନ୍ତି:- "କାଦିୟାନ୍‌ର ଜଣେ ଅଜ୍ଞାତ ବ୍ୟକ୍ତି ଯାହାଙ୍କୁ ସ୍ୱୟଂ କାଦିୟାନ୍‌ର ଲୋକମାନଙ୍କ ମଧ୍ୟ ସମ୍ପୁର୍ଣ୍ଣରୂପେ ଜାଣିନଥିଲେ ସେ ଲୋକମାନଙ୍କର ମୁଖାଲିଫତ୍‌କୁ ଦେଖି ଅର୍ଥାତ ଲୋକମାନେ ଇସ୍‌ଲାମ୍ ଓ ଇସ୍‌ଲାମ୍‌ର ପ୍ରତିଷ୍ଠାତାଙ୍କ ସମ୍ବନ୍ଧରେ ଯେଉଁ ବିରୋଧ ମନୋଭାବ ରଖିଥିଲେ ତାହାକୁ ଦେଖି ନିଜ ଖୁଦାଙ୍କ ନିକଟରେ ଏକାନ୍ତରେ ତପସ୍ୟା କରିବାପାଇଁ ଏବଂ ତାହାଙ୍କ ସାହାଯ୍ୟ ସହଯୋଗର ନିଦର୍ଶନା ମାଗିବାପାଇଁ ଆସିଥିଲେ ସେ ଖୁଦାଙ୍କ ନିକଟରେ ଏକାନ୍ତରେ ରହି ନିଜ ଖୁଦାଙ୍କଠାରୁ ପ୍ରାର୍ଥନା ମାଗିଲେ । ଚାଳିଶି ଦିନ ପ୍ରାର୍ଥନା କରିବା ପାରେ ଖୁଦାତାଙ୍କୁ ଏକ ନିଶାନ୍/ ନିଦର୍ଶନ ପ୍ରଦାନ କଲେ । ସେହି ନିଦର୍ଶନ ଏହା ଥିଲା କି ମୁଁ ତୁମ ସହିତ ଯେଉଁ ପ୍ରତିଶୃତି କରିଛି ନା କେବଳ ତାହା ପୁରଣ କରିବି ଓ ତୁମ ନାମକୁ ନା କେବଳ ପୃଥିବୀର କୋଣ ଅନୁକୋଣରେ ପହଂଚାଇବି ବରଂ ସେହି ପ୍ରତିଶୃତିକୁ ଅଧିକ ବୈଭବର ସହିତ ପୁରଣ କରିବା ପାଇଁ ତୁମକୁ ଏକ ପୁତ୍ର ପ୍ରଦାନ କରିବି । ଯିଏ କିଛି ବିଶେଷ ଗୁଣର ଅଧିକାରୀ ହେବ । ସେ ଇସ୍‌ଲାମ୍‌କୁ ପୃଥିବୀର କୋଣ ଅନୁକୋଣରେ ପହଂଚାଇଦେବ । ଅଲ୍ଲାଃଙ୍କ ବାଣୀର ମର୍ମକୁ ଲୋକମାନଙ୍କୁ ବୁଝାଇଦେବ । କରୁଣା ଓ କୃପାର ଚିହ୍‌ନ ହେବ ଏବଂ ଇସ୍‌ଲାମ୍‌ର ପ୍ରଚାର ପ୍ରସାର ପାଇଁ ଯେଉଁ ଧର୍ମଜ୍ଞାନ ଓ ସାଂସାରିକ ଜ୍ଞାନ ଜରୁରୀ ଅଛି ତାହା ସବୁ ତାଙ୍କୁ ପ୍ରଦାନ କରାଯିବ । ସେହିପରି ଅଲ୍ଲାଃ ତାଲା ତାଙ୍କର ଆୟୁଷକୁ ବଢ଼ାଇଦେବେ ଏପରି କି ସେ ପୃଥିବୀର କୋଣ ଅନୁକୋଣରେ ପ୍ରଶିଦ୍ଧି ଲାଭ କରିବ ।" (ଏବଂ ଏବେ ପୃଥିବୀ ଯେଉଁ ଦେଶରେ ମଧ୍ୟ ଯମାତ୍ ଅହେମଦୀୟା ପ୍ରତିଷ୍ଠା ହୋଇଛି ତାହା ସେହି ପେଶ୍‌ଗୋଇର କିର୍ତୀ ଓ ସେହି ମହାନ ପୁତ୍ରଙ୍କ ଯଶ) (ଦାୱାୟି ମୁସ୍‌ଲେହ୍ ମଉଦ୍ କେ ମୋତାଲିକ୍ ପୁର୍ ଶୌକତ୍ ଏଲାନ୍, ଅନ୍‌ୱାରୁଲ୍ ୱଲୁମ୍, ଖଣ୍ଡ-୧୭, ପୃ-୧୪୬-୧୪୭)

ଯେତେବେଳେ ଏହି ଇସ୍ତେହାର ପ୍ରକାଶ ପାଇଲା ସେତେବେଳେ ବିରୋଧିମାନେ ଏ ଆପତି କଲେ କି ଏହା କି ପ୍ରକାରର ପେଶ୍‌ଗୋଇ (ଭବିଷ୍ୟବାଣୀ) । କୌଣସି ବ୍ୟକ୍ତି ମଧ୍ୟ ଏପରି ଘୋଷଣା କରିପାରେ ଯେ ମୋ ଘରେ ପୁତ୍ର ଜନ୍ମ ହେବ ବୋଲି । ଏହାର ଉତର ମଧ୍ୟ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଦେଇଛନ୍ତି । ଏଥି ସମ୍ବନ୍ଧରେ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କହୁଛନ୍ତି ଯେ "ଯେତେବେଳେ ଏହି ଇସ୍ତେହାରଟି ପ୍ରକାଶ ହେଲା ସେତେବେଳେ ଶତୃମାନେ ଏ ସମ୍ବନ୍ଧରେ ଆପତି କରିବାରେ ଏକ ଧାରା ଆରମ୍ଭ କରିଦେଲେ । ଫଳତଃ ୨୨ ମାର୍ଚ୍ଚ ୧୮୮୬ ମସିହାରେ ଆପଣ ଆ:ସ ଏକ ଇସ୍ତେହାର ପ୍ରକାଶ କଲେ । ଶତୃମାନେ ଏ ଆରୋପ ଲଗାଇଥିଲେ ଯେ ଏପରି ଭବିଷ୍ୟବାଣୀ ଉପରେ କଣ ଭରଷା କରାଯାଇପାରେ କି ମୋ ଘରେ ଗୋଟିଏ ପୁତ୍ର ଜନ୍ମ ହେବ । କଣ ସାଧାରଣତଃ ଲୋକମାନଙ୍କ ଘରେ ପୁତ୍ର ଜନ୍ମ ହୁଏ ନାହିଁ ? ଜଣେ ଅଧେ ଲୋକ ଏପରି ଥାଆନ୍ତି ଯେଉଁମାନଙ୍କର କୌଣସି ପୁତ୍ର ନଥାଏ ଅଥବା ତାଙ୍କର କେବଳ ଝିଅ ଥାଆନ୍ତି । ନଚେତ ସାଧାରଣତଃ ସମସ୍ତଙ୍କ ଘରେ ପୁଅ ଜନ୍ମ ହୋଇଥାଏ । କେବେ ମଧ୍ୟ ସେହି ପୁତ୍ର ଜନ୍ମ ହେବା ଯୋଗୁଁ ତାଙ୍କୁ ଏକ ବିଶେଷ ନିଶାନ୍ (ନିଦର୍ଶନ) ରୂପେ ଅଭିହିତ କରାଯାଇନଥାଏ । ଅତଃ ଯଦି ଆପଣଙ୍କ ଘରେ କୌଣସି ପୁତ୍ର ଜନ୍ମ ମଧ୍ୟ ହୋଇଯାଏ, ଏଥିରୁ ଏହା କାହିଁକି ପ୍ରମାଣିତ ହେବ ଯେ ତାହାଙ୍କ ଜରିଆରେ ଏ ପୃଥିବୀରେ ଖୁଦାତାଲାଙ୍କର କୌଣସି ବିଶେଷ ନିଶାନ୍ ପ୍ରକାଶ ହେଲା ବୋଲି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଲୋକମାନଙ୍କୁ ଏହି ଆପତି ଅଭିଯୋଗର ଉତର ଦେଇ ୨୨ ମାର୍ଚ୍ଚର ଇସ୍ତେହାରରେ ଲେଖୁଛନ୍ତି ଯେ:- "ଏହା କେବଳ ପେଶ୍‌ଗୋଇ ହିଁ ନୁହେଁ ବରଂ ଏକ ମହାନ ଆକାଶୀୟ ଚିହ୍ନ ଅଟେ । ଏହାକୁ ଅଲ୍ଲାଃ ତାଲା ଆମ ନବି କରିମ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ସତ୍ୟତା ଓ ଶ୍ରେଷ୍ଠତା ପ୍ରତିପାଦନ କରିବାପାଇଁ ପ୍ରକାଶ କଲେ ।" ପୁଣି ସେହି ଇସ୍ତେହାରରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏହା ଉଲ୍ଲେଖ କଲେ ଯେ **"ବିଫଜ୍‌ଲିହି ତାଆଲା ୱ ଇହ୍‌ସାନିହି ୱ ବିବରକତି ହଜ୍‌ରତ୍ ଖାତମୁଲ୍ ଅମ୍ବିୟା ସ:ଆ:ସ ।"** ଦୟାଳୁ କୃପାଳୁ ଈଶ୍ୱର ଏହି ଅଧମର ପ୍ରାର୍ଥନାକୁ ଗ୍ରହଣ କରି ଏପରି ବାବର୍‌କତ୍ ରୁହ୍ (ଆତ୍ମା) ପ୍ରେରଣ କରିବାପାଇଁ ପ୍ରତିଶୃତି ଦେଇଛନ୍ତି ଯାହାଙ୍କ ବାହ୍ୟ ଓ ଅନ୍ତଃ ବର୍‌କତ୍ ସାରା ପୃଥିବୀରେ ବ୍ୟାପିଯିବ ।" ହଜ୍‌ରତ୍ ମୁସ୍‌ଲେହ୍ ମଉଦ ର:ଅ କହୁଛନ୍ତି ଯେ କଥା ହେଉଛି ଏହା କି ଯଦି ଆପଣ ଆ:ସ ନିଜ ଘରେ ଏକ ପୁତ୍ର ଜନ୍ମ ହେବାର ଖବର ଦେଇଥାନ୍ତେ ତେବେ ମଧ୍ୟ ଏହି ଖବର ଆପଣା ଛାଏଁ ଏକ ପେଶ୍‌ଗୋଇ ହୋଇଥାନ୍ତା । କାରଣ ପୃଥିବୀରେ ଏତେ ମାତ୍ରାରେ କିଛି ଲୋକ ଏପରି ମଧ୍ୟ ଅଛନ୍ତି ଯେଉଁମାନଙ୍କର କୌଣସି ସନ୍ତାନ ନାହାନ୍ତି । ସେହି ଲୋକମାନଙ୍କ ସଂଖ୍ୟା ଅଳ୍ପ ହେଉ ପଛକେ କିନ୍ତୁ ଏପରି ଲୋକ ଅଛନ୍ତି ଯେଉଁମାନଙ୍କର ସନ୍ତାନ ନାହାନ୍ତି । ଦ୍ୱିତୀୟତଃ ଆପଣ ଆ:ସ ଯେବେ ଏହାର ଘୋଷଣା କରିଥିଲେ ସେତେବେଳେ ଆପଣ ଆ:ସଙ୍କ ବୟସ ୫୦ ବର୍ଷରୁ ଅଧିକ ଥିଲା । ହଜାର ହଜାର ଲୋକ ଏ ପୃଥିବୀରେ ଏପରି ଅଛନ୍ତି ଯେଉଁମାନଙ୍କ ନିକଟରେ ପଚାଶ ବର୍ଷ ପରେ ସନ୍ତାନ ସୃଷ୍ଟି କରିବାର କ୍ଷମତା ବନ୍ଦ ହୋଇଯାଇଥାଏ । ଏପରି ଲୋକ ଅଛନ୍ତି ତାଙ୍କର କେବଳ ଝିଅ ହିଁ ଝିଅ ଜନ୍ମ ହୋଇଥାଆନ୍ତି । ଏପରି ଲୋକ ମଧ୍ୟ ଅଛନ୍ତି ଯାହାଙ୍କର ପୁତ୍ର ସନ୍ତାନ ହୋଇଥାଏ କିନ୍ତୁ ପୁତ୍ରଟି ଜନ୍ମ ହେବାର ଅଳ୍ପ ସମୟ ପରେ ମୃତ୍ୟୁ ବରଣ କରିଥାଏ । ଏହି ପରି ସବୁ ପ୍ରକାରର ଆଶଙ୍କା ରହିଛି । ସୁତରାଂ ପ୍ରଥମତଃ କୌଣସି ଏକ ପୁତ୍ର ସନ୍ତାନ ଜନ୍ମ ହେବାର ସୁସମାଚାର ଦେବା ମନୁଷ୍ୟ

## ହଦିସ୍ ନବୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

**ତାଲିବେ ଦୁଆ:** *Majlis Lajna Imaillah, Jamat Ahmadiyya, Kerang (Odisha)*

## ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

**ତାଲିବେ ଦୁଆ:** *Hawa Bibi & Family, Jamat Ahmadiyya, Kerang (Odisha)*

## ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମର ସମସ୍ତ ୱହ୍‌ଦାଦାର୍ ଯେକୌଣସି ସ୍ତରର ୱହ୍‌ଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।''

*(ଖୁତ୍‌ବା ଯୁମାଃ ପ୍ରଦତ ୬ ଜାନୁୟାରୀ ୨୦୧୫)*

**ତାଲିବେ ଦୁଆ:** *Majlis Lajna Imaillah, Jamat Ahmadiyya, Pankal (Odisha)*

ଶକ୍ତିର ବାହାରେ । କିନ୍ତୁ ସେ ବିନମ୍ରତାର ସହିତ ସେହି ଆପତିକୁ ସ୍ୱୀକାର କରି କହୁଛନ୍ତି ଯେ ଯଦି ଏକଥା ମାନି ନିଆଯାଏ ଯେ କେବଳ କୌଣସି ଏକ ପୁତ୍ର ଜନ୍ମ ହେବାର ଖବର ଦେବାକୁ ପେଶ୍‌ଗୋଇ କୁହାଯାଇପାରେନା ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ ମୁଁ କେବଳ ଏକ ପୁତ୍ର ଜନ୍ମ ହେବାର ଖବର କେବେ ଦେଇଛି ? ମୁଁ ତ ଏକଥା କହି ନାହିଁ ଯେ ମୋ ଗରେ ଏକ ପୁତ୍ର ଜନ୍ମ ହେବ ବୋଲି ବରଂ ମୁଁ ଏକତା କହିଛି ଯେ ଖୁଦାତାଲା ମୋ ଦୁଆକୁ ଗ୍ରହଣ କରି ଏପରି ଏକ ବାବରକତ୍ (ବୈଭବମୟ) ଆତ୍ମା ପ୍ରେରଣ କରିବାପାଇଁ ପ୍ରତିଶୃତି ଦେଇଛନ୍ତି ଯାହାର ବାହ୍ୟ ଓ ଅନ୍ତଃ ବର୍‌କତ୍‌ଗୁଡ଼ିକ ପୃଥିବୀରେ ବ୍ୟାପିଯିବ ।”

*(ଅଲ୍‌ମଉଦ୍, ଅନୱାରୁଲ୍ ଉଲୁମ୍ ଖଣ୍ଡ-୧୭, ପୃ-୫୨୯-୫୩୦)*

ଯେମିତି କି ମୁଁ କହି ସାରିଛି ଯେ ଆଜି ଏ ପୃଥିବୀ ସାକ୍ଷି ଅଛି ଯେ ସେହି ପ୍ରତିଶୃତି ପୁତ୍ର ପୃଥିବୀର କୋଣ ଅନୁକୋଣରେ ପ୍ରଶିଦ୍ଧି ଲାଭ କରିଛି । ହିନ୍ଦୁସ୍ତାନର ବାହ୍ୟ ଜଗତରେ ଅଥବା କାଦିଆନ୍‌ର ବାହ୍ୟରେ ଥିବା ପୃଥିବୀର ପ୍ରତ୍ୟେକ ମିଶନ୍ ଆପଣ ଆ:ସଙ୍କ ସତ୍ୟତାର ପ୍ରମାଣ ଅଟେ । ପୃଥିବୀରେ ବହୁତ ଗୁଡ଼ିଏ ମିଶନ୍ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍‌ଙ୍କ ଯୁଗରେ ପ୍ରତିଷ୍ଠା ହୋଇଥିଲା ଏବଂ ସେହି ଧାରା ଅର୍ଥାତ ସେହି ନେଜାମ୍‌ର ଧାରା ଆଜି ପର୍ଯ୍ୟନ୍ତ ଅବ୍ୟାହାତ ରହିଛି ।

କିଛି ଲୋକଙ୍କର ଏ ଆପତି ଥିଲା ଯେ ମୁସ୍‌ଲେହ୍ ମଉଦ୍ ର:ଅ ପରେ କେବେ ଜନ୍ମ ହେବେ ଅର୍ଥାତ ଶହେ ବର୍ଷ ପରେ, ଦୁଇଶହ ବର୍ଷପରେ ଅଥବା ତିନିଶହ ବର୍ଷ ପରେ । ଏହାର ସ୍ୱଷ୍ଟିକରଣ ଦେଇ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କହୁଛନ୍ତି ଯେ କେଉଁ କାରଣ ନିମନ୍ତେ ହଜ୍‌ରତ୍ ମସିହ୍ ମଉଦ୍ ନିଶାନ୍ ମାଗିଥିଲେ ଏବଂ କାହିଁକି ତାଙ୍କ ଯୁଗରେ ତାହାର ଜନ୍ମର ଥିଲା ଓ ସେହି ନିଶାନ୍ ପୁରଣ ହେବାର ଥିଲା ? ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ କହୁଛନ୍ତି:-

“କେତେକ ଲୋକ ଏକତା କହୁଛନ୍ତି ଯେ ମୁସ୍‌ଲେହ୍ ମଉଦ୍ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ଆସନ୍ତା କୌଣସି ପିଢ଼ିରେ ତିନି ଚାରିଶହ ବର୍ଷ ପରେ ଆବିର୍ଭାବ ହେବେ ।” ଏଠାରେ ମଧ୍ୟ ପଢ଼ି କଥା କୁହାଯାଇଛି ଯେ ଆସନ୍ତା ପିଢ଼ିରେ ତିନି ଚାରିଶହ ବର୍ଷପରେ ଆସିବେ । “ବର୍ତମାନ ଯୁଗରେ ଆସିପାରିବେ ନାହିଁ । କିନ୍ତୁ ସେମାନଙ୍କ ମଧ୍ୟରୁ କେହି ହେଲେ ମଧ୍ୟ ଖୁଦାଙ୍କ ଭୟ ରଖୁନାହାନ୍ତି ଯେ ସେ ପେଶ୍‌ଗୋଇ (ଭବିଷ୍ୟବାଣୀ)ର ଶବ୍ଦକୁ ଦେଖନ୍ତୁ ଓ ତା’ ଉପରେ ଚିନ୍ତା କରନ୍ତୁ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ତ ଲେଖୁଛନ୍ତି ସେ ସମୟରେ ଯେତେବେଳେ ଇସ୍‌ଲାମ୍ ଉପରେ ଏ ଆରୋପ ଲଗାଯାଇଛି କି ଇସ୍‌ଲାମ୍ ନିଜ ଭିତରେ ନିଶାନ୍ (ନିଦର୍ଶନ) ଦେଖାଇବାର ଶକ୍ତି ରଖିନାହିଁ । ଅତଃ ପଣ୍ଡିତ ଲେଖ୍‌ରାମ୍ ଏ ଆରୋପ ଲଗାଉଥିଲା ଯେ ଯଦି ଇସ୍‌ଲାମ୍ ହେଉଛି ସତ୍ୟ ତେବେ ନିଶାନ୍ ଦେଖାଇ ଦିଆଯାଉ । ଇନ୍ଦ୍ରମନ୍ ଏ ଆରୋପ୍ ଲଗାଉଥିଲା ଯେ ଯଦି ଇସ୍‌ଲାମ୍ ସତ୍ୟ ଅଟେ ତେବେ ନିଶନ୍ ଦେଖାଅ । ସୁତରାଂ ଆପଣ ଆ:ସ ଅଲ୍ଲାଃ ତାଲାଙ୍କ ନିକଟରେ ନତମସ୍ତକ ହୋଇ ଏ ପ୍ରାର୍ଥନା କରୁଛନ୍ତି ଯେ ହେ ଖୁଦା ! ତୁମେ ଏପରି ନିଶାନ୍ ଦେଖାଓ ଯାହା ଏହି ନିଶାନ୍ ମାଗୁଥିବା ଲୋକମାନଙ୍କୁ ଇସ୍‌ଲାମ୍ ଉପରେ ବିଶ୍ୱାସ ଆଣି ଦେବ । ତୁମେ ଏପରି ନିଶାନ୍ ଦେଖାଅ ଯାହା ଇନ୍ଦ୍ରମନ୍ ମୁରାଦାବାଦୀ ଇତ୍ୟାଦିଙ୍କୁ ଇସ୍‌ଲାମ୍ ସପକ୍ଷରେ ନିରୁତର କରିଦେବ । ଏବଂ ଏହି ଆପତିକାରୀମାନେ ଆମକୁ ଏକଥା କହୁଛନ୍ତି ଯେ ଯେତେବେଳେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଅଲ୍ଲାଃଙ୍କ ନିକଟରେ ଏ ପ୍ରାର୍ଥନା କଲେ ସେତେବେଳେ ଅଲ୍ଲାଃ ତାଙ୍କୁ ଏ ଖବର ଦେଲେ ଯେ ଆଜିଠାରୁ ତିନିଶହ ବର୍ଷ ପରେ ଆମେ ତୁମକୁ ଏକ ପୁତ୍ର ପ୍ରଦାନ କରିବୁ ଯିଏ ଇସ୍‌ଲାମ୍‌ର ସତ୍ୟତାର ନିଶାନ୍ (ଚିହ୍ନ) ହେବ । କଣ ଦୁନିଆରେ ଏପରି କିଏ ଅଛି ଯିଏ ଏ କଥାକୁ ଉଚିତ ମଣୁଥିବ ? ଅତ୍ୟନ୍ତ ଅନୁଚିତ କତା । ଏହା ତ ହେଉଛି ଏପରି କଥା ଯେମିତି ଜଣେ ବ୍ୟକ୍ତି ଭିଷଣ ଶୋଷରେ କୌଣସି ଏକ ବ୍ୟକ୍ତିଙ୍କ ଘର ନିକଟରେ ଯାଇ କହିବ ହେ ଭାଇ ! ମତେ ଭିଷଣ ଶୋଷ ଲାଗୁଛି, ଅଲ୍ଲାଃଙ୍କ ଖାତିର୍ ମତେ ପାଣି ପିଇବାକୁ ଦିଅ । ପୁଣି ସେହି ଘରର ମାଳିକ ଏ ଉତର ଦେଉଥିବ କି ସାହେବ ! ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ ମୁଁ ଆମେରିକା ଚିଠି ଲେଖୁଛି ସେଠାରୁ ଏକ ବର୍ଷ ଶେଷ ଆଡ଼କୁ ଏକ ଉଚ୍ଚ କୋଟ ଏସେନ୍‌ସ ଆସିବ ଆର ବର୍ଷ ତୁମକୁ ସରବତ୍ ତିଆରି କିର ପିଇବାକୁ ଦିଆଯିବ । କୌଣସି ପାଗଳ ବ୍ୟକ୍ତି ମଧ୍ୟ ଏପରି କଥା କହିପାରିବ ନାହିଁ । କୌଣସି ପାଗଳଠାରୁ ମଧ୍ୟ ପାଗଳ ବ୍ୟକକ୍ତି ଏପରି କଥା ଖୁଦା ଓ ତାହାଙ୍କ ରସୁଲ୍‌ଙ୍କ ଆଡ଼କୁ ସମ୍ବନ୍ଧିତ କରିପାରିବ ନାହିଁ । ପଣ୍ଡିତ ଲେଖ୍‌ରାମ୍, ମୁନ୍‌ସି ଇନ୍ଦ୍ରମନ୍ ମୁରାଦାବାଦୀ ଏବଂ କାଦିୟାନ୍‌ର ହିନ୍ଦୁମାନେ ଏହା କହୁଅଛନ୍ତି ଯେ ଇସ୍‌ଲାମ୍‌ର ଏ ଦାବି ଯେ ତାହାଙ୍କ ଖୁଦା ପୃଥିବୀରେ ନିଶାନ୍ ଦେଖାଇବାକୁ ଶକ୍ତି ରଖିଛି ତେଣୁ ଏହି ଦାବି ତାଙ୍କର ମିଥ୍ୟା ଓ ଭିତିହୀନ । ଯଦି ଏପରି ଦାବି କରିବାରେ କୌଣସି ବାସ୍ତବିକତା/ ସତ୍ୟାସତ୍ୟ ଅଛି ତେବେ ଆମକୁ ନିଶାନ୍ ଦେଖାଇ ଦିଆଯାଉ । ସୁତରାଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଅଲ୍ଲାଃଙ୍କ ଗୋଚରେ ନତମସ୍ତକ ହୁଅନ୍ତି ଓ ନିବେଦନ କରନ୍ତି ଯେ ହେ ଇଶ୍ୱର ! ମୁଁ ତୁମ ନିକଟରେ ପ୍ରାର୍ଥନା କରୁଅଛି ତୁମେ ମତେ ରହ୍‌ମତ୍ (କରୁଣା) ର ନିଶାନ୍ ଦେଖାଅ । ତୁମେ ମତେ ଶକ୍ତି ଓ ସମିପତାର ନିଶାନ୍ ପ୍ରଦାନ କର । ତେଣୁ ଏହି ନିଶାନ୍ ଏପରି ନିକଟତର ସମୟରେ ପ୍ରକାଶ ହେବା ସମୁଚିତ ଥିଲା ଯେବେ କି ସେହି ଲୋକମାନେ ଜୀବିତ ରହିଥିବେ, ଯେଉଁମାନେ ଏହି ନିଶାନ୍ ମାଗୁଥିଲେ । ସୁତରାଂ ସେହିପରି ହିଁ ହେଲା । ୧୮୮୯ ମସିହାରେ ଯେବେ ମୋର ଜନ୍ମ ଅଲ୍ଲାଃ ତାଲାଙ୍କ ପେଶ୍‌ଗୋଇ ଅନ୍ତର୍ଗତ ହେଲା, ସେତେବେଳେ ସେହି ଲୋକମାନେ ଜୀବିତ ଉପସ୍ଥିତ ଥିଲେ, ଯେଉଁମାନେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କଠାରୁ ନିଶାନ୍ ମାଗୁଥିଲେ । ପୁଣି ଯେତେ ମାତ୍ରାରେ ମୁଁ ବଢ଼ିବାକୁ ଲାଗିଲି ସେତେମାତ୍ରାରେ ଅଲ୍ଲାଃଙ୍କ ନଶାନାତ୍ ( ନିଦର୍ଶନମାନ) ଅଧିକରୁ ଅଧିକ ପ୍ରକାଶ ହୋଇ ଚାଲିଲା ।”

*(ମୈଁ ହି ମୁସ୍‌ଲେହ୍ ମଉଦ୍ କି ପେଶ୍‌ଗୋଇ କା ମିସ୍‌ଦାକ୍ ହୁଁ, ଅନୱାରଲ୍ ଓ୍ୱଲୁମ୍, ଖଣ୍ଡ-୧୭, ପୃ ୨୨୨-୨୨୩)*

ସୁତରାଂ ଏହି ନିଶାନ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଜୀବନରେ ଏବଂ ସେହି ବ୍ୟକ୍ତିମାନଙ୍କ ଜୀବନରେ, ଯେଉଁମାନେ ଇସ୍‌ଲାମ୍ ଉପରେ ଆରୋପ ଲଗାଉଥିଲେ, ପ୍ରକାଶ ହେବା ଜରୁରୀ ଥିଲା, ଯେଉଁମାନେ ଏପରି ନିଶାନ୍ ମାଗୁଥିଲେ । ସୁତରାଂ ତାହା ପ୍ରକାଶ ହେଲା । ଏହା ମଧ୍ୟ ବହୁତ ଗୁରୁତ୍ୱପୂର୍ଣ୍ଣ କଥା ଯେ ଆମକୁ ଏହା ଜାଣିବା ଉଚିତ ଯେ ଏହି ପେଶ୍‌ଗୋଇର ଉଦ୍ଦେଶ୍ୟ କଣ ଥିଲା ଏବଂ କାହିଁକି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଜୀବନରେ ସେହି ଉଦ୍ଦେଶ୍ୟର ପ୍ରାପ୍ତି ଜରୁରୀ ଥିଲା । ଏବେ ତ ମୁଁ ସଂକ୍ଷିପ୍ତରେ କିଛି ବର୍ଣ୍ଣନା କଲି । କାହିଁକି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପୁତ୍ର ଯିଏ ତାଙ୍କର ଔରଷରୁ ଓ ତାଙ୍କ ରକ୍ତରୁ ଜାତ ପୁତ୍ର ଥିଲା । ତାଙ୍କର ଜୈବିକ ବାପା ଆପଣ ଆ:ସ ଥିଲେ, ତେଣୁ ତାଙ୍କ ସପକ୍ଷରେ ଏହି ନିଶାନ୍ ପୁରଣ ହେବା ଜରୁରୀ ଥିଲା । ସେ ଯାହା ହେଉ ଉକ୍ତ ଉଦ୍ଦେଶ୍ୟ ଗୁଡ଼ିକର ସମ୍ବନ୍ଧରେ ଗୋଟିଏ ସ୍ଥାନରେ ହଜ୍‌ରତ୍ ମୁସ୍‌ଲେହ୍ ମଉଦ ର:ଅ କହୁଛନ୍ତି ଯେ:-ଆଧ୍ୟାତ୍ମିକତା ଦୃଷ୍ଟିକୋଣରୁ ମୃତ ହୋଇଯାଇଛନ୍ତି ସେମାନେ ଜୀବନ ପାଇବେ । “ଯଦି ଏକଥା ବୁଝାଯାଏ ଯେ ଏହି ପେଶ୍‌ଗୋଇ ଚାରିଶହ ବର୍ଷ ପରେ ପୁରଣ ହେବ ତେବେ ଏହାର ଅର୍ଥ ଏପରି ହେବ କି ମୁଁ ଏହି ପେଶ୍‌ଗୋଇ ଏଥିଯୋଗୁଁ କରିଛଇ ଯେ ଯେଉଁମାନେ ଏବେ ଜୀବନ ପାଇବାକୁ ଆଶା ରଖିଛନ୍ତି ସେମାନେ ଏବେ ଅବଶ୍ୟ ମରିଯାଆନ୍ତୁ, ଚାରିଶହ ବର୍ଷ ପରେ ସେମାନଙ୍କୁ ଜୀବିତ କରିଦିଆଯିବ । ଏପରି ବାକ୍ୟ ସ୍ୱଭାବିକ ଭୁଲ୍ ଓ ବାତିଲ ଅଟେ । ଆପଣ ଆ:ସ କହୁଛନ୍ତି ଏହି ଚିଲ୍ଲା ଏଥିଯୋଗୁଁ କରାଯାଇଛି କି ଯଦ୍ୱାରା ଯେଉଁ ଲୋକମାନେ ଇସ୍‌ଲାମ୍ ଧର୍ମକୁ ଅସ୍ୱୀକାର କରୁଛନ୍ତି, ସେମାନଙ୍କ ସମ୍ମୁଖରେ ଏକ ଜୀବନ୍ତ ନିଶା୍ ପ୍ରକାଶ ହେଉ ଏବଂ ଯେଉଁମାନେ ରସୁଲେ କରିମ୍ ସ:ଆ:ସଙ୍କ ଚମତ୍କାରକୁ ଅସ୍ୱୀକାର କରୁଛନ୍ତି ସେମାନଙ୍କୁ ଏକ ତାଜା ଓ ଜବରଦସ୍ତ ପ୍ରମାଣ ଏ କଥାର ମିଳିଯାଉ କି ଏବେ ମଧ୍ୟ ଖୁଦାତାଲା ଇସ୍‌ଲାମ୍ ଓ ରସୁଲେ କରିମ୍ ସ:ଆ:ସଙ୍କ ସମର୍ଥନରେ ନିଜର ନିଶାନାତ୍ (ନିଦର୍ଶନମାନ) ପ୍ରକାଶ କରୁଅଛି । ସେହି ଦିବ୍ୟବାଣୀର ବାକ୍ୟଗୁଡ଼ିକ ଯାହା ଏହି ପେଶ୍‌ଗୋଇର ଉଦ୍ଦେଶ୍ୟ ଉପରେ ଆଲୋକପାତ କରୁଅଛି ତାହା ହେଉଛି ଏହା କି “ଖୁଦା ଏପରି କହିଲେ ଯଦ୍ୱାରା ଯେଉଁମାନେ ଜୀବନ ପାଇବାକୁ ଚାହୁଁଛନ୍ତି ସେମାନେ ମୃତ୍ୟୁର କବଳରୁ ରକ୍ଷା ପାଇଯିବେ ଏବଂ ଯେଉଁମାନେ କବର ଭିତରେ ଦବି ପଡ଼ିଛନ୍ତି, ବାହାରକୁ ବାହାରିବେ ।” ଏବେ ଯେଉଁମାନେ ଏକଥା କହୁଛନ୍ତି କି ମୁସ୍‌ଲେହ୍ ମଉଦ୍ ତିନି ଚାରିଶହ ବର୍ଷ ପରେ ଆସିବେ ବୋଲି, ସେମାନଙ୍କର ଏହି ଦୃଷ୍ଟିକୋଣରୁ ଯଦି ଉଚିତ ମଣାଯାଏ ତେବେ ଏହି ବାକ୍ୟର ବ୍ୟାଖ୍ୟା ଏପରି ହେବ କି ଏହି ପେଶ୍‌ଗୋଇଟି ଏଥିପାଇଁ କରାଯାଇଥିଲା ଯେ ଯେଉଁ ଲୋକମାନେ ଏବେ ଜୀବନ ଚାହୁଁଛନ୍ତି ସେମାନେ ମରିଯାଆନ୍ତୁ । ଚାରି ଶହ ବର୍ଷ ପରେ ତାଙ୍କ ଆସନ୍ତା ପିଢ଼ିଙ୍କ ମଧ୍ୟରୁ କିଛି ଲୋକଙ୍କୁ ଜୀବନ ଦେଇ ଦିଆଯିବ । କିନ୍ତୁ କଣ ଏହି ବାକ୍ୟକୁ କୌଣସି ବ୍ୟକ୍ତି ମଧ୍ୟ ସଠିକ୍ ବୋଲି ବିବେଚନା କରିପାରିବ ?

ଦ୍ୱିତୀୟରେ ଏହି ପେଶ୍‌ଗୋଇ ଏଥିଯୋଗୁଁ କରାଯାଇଥିଲା ଯେ ଏହା ଦ୍ୱାରା ଇସ୍‌ଲାମ୍ ଧର୍ମର ବୈଭବ ପ୍ରକାଶ ହେଉ ଏବଂ ଅଲ୍ଲାଃଙ୍କ ବାଣୀର ମହତ୍ୱ ଲୋକମାନଙ୍କ ଉପରେ ସ୍ୱଷ୍ଟ ହୋଇଯାଉ । ଏହି ବାକ୍ୟର ବାସ୍ତବିକ ଅର୍ଥ ହେଉଛି ଏହା କି ଇସ୍‌ଲାମ୍ ଧର୍ମର ବୈଭବ ବର୍ତମାନ ଲୋକମାନଙ୍କ ନିମନ୍ତେ ପ୍ରକାଶ ହୋଇନାହିଁ । ସେହିପରି ଅଲ୍ଲାଃଙ୍କ ବାଣୀର ମହତ୍ୱ / ସମ୍ମାନ ବର୍ତମାନ ଲୋକଙ୍କଠାରେ ପ୍ରକାଶ ନାହିଁ । କିନ୍ତୁ ଏଠାରେ ଏକତା କୁହଯାଉଛି ଯେ ଖୁଦା ଏହି ପେଶ୍‌ଗୋଇକୁ ଏଥିଯୋଗୁଁ କରିଛନ୍ତି ଯେ ଏହାଦ୍ୱାରା ଇସ୍‌ଲାମ୍ ଧର୍ମର ସମ୍ମାନ ଏବଂ ଅଲ୍ଲାଃଙ୍କ ବାଣୀର ମର୍ଯ୍ୟଦା ଆଜିଠାରୁ ତିନିଶହ ବର୍ଷ ପରେ ବା ଚାରିଶହ ବର୍ଷ ପରେ ପ୍ରକାଶ ହେବ । ଯେବେ ଏହି ଲୋକମାନେ ମଧ୍ୟ ମରିଯାଇଥିବେ ପୁଣି ସେମାଙ୍କ ସନ୍ତାନମାନେ ମଧ୍ୟ ମରିଯିବେ । ଯେତେବେଳେ ନା ତ ଲେଖ୍‌ରାମ୍ ପଣ୍ଡିତ ଥିବ ନା ମୁନ୍‌ସି ଇନ୍ଦ୍ରମନ୍ ମୁରାଦାବାଦୀ ଥିବେ ନା ତାଙ୍କ ସନ୍ତାନ ମାନେ ଥିବେ ନା ତାଙ୍କ ସନ୍ତାନମାନଙ୍କ ସନ୍ତାନ ଥିବେ । ସେତେବେଳେ ଇସ୍‌ଲାମ୍ ଧର୍ମର ବୈଭବ ଓ ଅଲ୍ଲାଃଭ୍‌କ ବାଣୀର ମର୍ଯ୍ୟାଦା ଲୋକଙ୍କ ଉପରେ ପ୍ରକାଶ କରାଯିବ । ଏବେ ବତାନ୍ତୁ ଯେ କଣ କୌଣସି ମଧ୍ୟ ବ୍ୟକ୍ତି ଏପରି ଅର୍ଥକୁ ସଠିକ୍ ଭାବି ପାରିବ ?” ସେମାନଙ୍କର କିଛି ବୁଦ୍ଧି ଅଛି ?

ତୃତୀୟରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି ଯେ “ଏହି ପେଶ୍‌ଗୋଇ ଏଥିଯୋଗୁଁ କରାଯାଇଛି କି ଏହା ଦ୍ୱାରା ସତ୍ୟ ନିଜର ସମସ୍ତ ବର୍‌କତ୍ ସହିତ ପରିପ୍ରକାଶ ହୋଇଯାଉ ଏବଂ ମିଥ୍ୟା ନିଜର ସମସ୍ତ ଅପଗୁଣକୁ ସାଥିରେ ନେଇ ଚାଲିଯାଉ । ଏହାର ଅର୍ଥ ମଧ୍ୟ ସ୍ୱଷ୍ଟ ହେଉଛି ଯେ ସତ୍ୟ ବର୍ତମାନ ଦୃବଳ ଅବସ୍ଥାରେ ରହିଛି ଓ ମିଥ୍ୟା ଅଗ୍ରଣି ରହିଛି । ତେଣୁ ଅଲ୍ଲାଃ ତାଲା ଚାହୁଁଛନ୍ତି ଯେ ଏପରି ନିଶାନ୍ ପ୍ରକାଶ ହେ ଯେ ତାହା ବୁଦ୍ଧି ଓ ଜ୍ଞାନର ଦୃଷ୍ଟିକୋଣରୁ ଇସ୍‌ଲାମ୍‌ର ଶତୃମାନଙ୍କ ଉପରେ ତର୍କ ପୂର୍ଣ୍ଣ ହୋଇଯାଉ । ଏବଂ ସେହି ଲୋକମାନେ ଏକଥାକୁ ମାନିବାକୁ ବାଧ୍ୟ

---

**ହଜ୍‌ରତ୍ ଅମୀରୁଲ୍**

ମସ୍‌ଜିଦ୍ ନିର୍ମାଣ କରିବାର ଯେଉଁ ଉଦ୍ଦେଶ୍ୟ ରହିଛି ତାକୁ ପୂରଣ କରିବାକୁ ହେବ । ତେବେ ଯାଇ ଅଲ୍ଲାଃତାଲାଙ୍କ ପୁରସ୍କାର ମିଳିବ

*(ଖୁତ୍‌ବା ଜୁମା ପ୍ରଦତ ୧୭ ମଇ ୨୦୧୯)*

ତାଲିବେ ଦୁଆ: *Amiruddin Khan & Family, Halka Darul Fazal Jamat Ahmadiyya, Kerang, Khordha (Odisha)*

---

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

‘‘ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ’’

*(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)*

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

---

**ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

***ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧***

ସମୟ: ପ୍ରତ୍ୟହ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ହୋଇଯାଆନ୍ତୁ ଯେ ଇସ୍‌ଲାମ୍ ହେଉଛି ସତ୍ୟ । ତାହାର ମୁକାବିଲାରେ ଯେତେକ ଧର୍ମ ଦଣ୍ଡାୟମାନ ରହିଛନ୍ତି ତାହା ସବୁ ମିଥ୍ୟା ।

ଚତୁର୍ଥ ଅର୍ଥ ଏହି ପେଶ୍‌ଗୋଇର ଏହା ବର୍ଣ୍ଣନା କରାଯାଇଥିଲା ଯେ ଏହା ଦ୍ୱାରା ଲୋକମାନେ ଜାଣିବେ ଯେ ମୁଁ (ଅର୍ଥାତ ଈଶ୍ୱର) ହେଉଛି ସର୍ବ ଶକ୍ତିମାନ ଓ ଯାହା ଚାହିଁଥାଏ ତାହା କରିଥାଏ । ଏବେ ଚିନ୍ତା କରିବାର ଅଛି ଯେ, ଲୋକମାନେ ଖୁଦାତାଲାଙ୍କୁ ଏପରି ସ୍ଥଳେ କିପରି ସର୍ବଶକ୍ତିମାନ ଭାବି ପାରିଥାନ୍ତେ ଯଦି ଏକଥା କୁହାଯାଇଥାନ୍ତା ଯେ ତିନିଶହ ବର୍ଷ ପରେ ବା ଚାରିଶହ ବର୍ଷ ପରେ ଏପରି ଏକ ନିଶାନ୍ ପ୍ରକାଶ ହେବ ଯାହାଦ୍ୱାରା ତୁମେମାନେ ଏହା ସ୍ୱୀକାର କରିବା ପାଇଁ ବାଧ୍ୟ ହୋଇଯିବ ଯେ ଇସ୍‌ଲାମ୍‌ର ଖୁଦା ହେଉଛନ୍ତି ସର୍ବ ଶକ୍ତିମାନ । ଏହିପରି ପେଶ୍‌ଗୋଇକୁ କି ପ୍ରକାରର ଗୁରୁତ୍ୱ ଲେଖ୍‌ରାମ୍ ଦେଇପାରିଥାନ୍ତା ବା ସେହି ଲୋକମାନେ, ଯେଉଁମାନେ ସେତେବେଳେ ଇସ୍‌ଲାମ୍ ଉପରେ ଆରୋପ ଲଗାଉଥିଲେ, ରସୁଲ୍ କରିମ୍ ସ:ଆ:ସଙ୍କ ନିଦର୍ଶନଗୁଡ଼ିକୁ ମିଥ୍ୟା ଅଭିହିତ କରୁଥିଲେ, ଇସ୍‌ଲାମ୍‌କୁ ଏକ ମୃତ ଧର୍ମ ରୂପେ ଅଭିହିତ କରୁଥିଲେ । ଏମାନଙ୍କ ଉପରେ କି ପ୍ରକାରର ତର୍କ ହୋଇପାରିଥାନ୍ତା ଯେ ତୁମେ ଚାରିଶହ ବର୍ଷ ପରେ ଖୁଦାଙ୍କୁ ସର୍ବ ଶକ୍ତିମାନ ବୋଲି ମଣିବାକୁ ଲାଗିବ । ଚାରିଶହ ବର୍ଷ ପେର ପୁରଣ ହୋଇଥିବା ଭବିଷ୍ୟବାଣୀ ଦ୍ୱାରା ସେହି ଲୋକମାନେ ଖୁଦାତାଲାଙ୍କୁ କିପରି ସର୍ବଶକ୍ତିମାନ ରୂପେ ଜାଣିପାରିଥାନ୍ତେ ? ସେମାନେ ତ ଏକଥା କହିଥାନ୍ତେ ଯେ ଆମେ ଏହି ମୌଖିକ ଦାବିକୁ ସ୍ୱୀକାର କରିପାରିବୁ ନାହିଁ ଯେ ଚାରିଶହ ବର୍ଷପରେ ଏପରି ହେବ । ଏକଥା ତ କେହି ବି କହିପାରେ । ସେତେବେଳେ ଏକଥା ୍‌ଚିତ ହେବ ଯେବେ ଆମ ସମ୍ମୁଖରେ ନିଶାନ୍ ଦେଖାଇ ଦିଆଯିବ ଓ ଇସ୍‌ଲାମ୍‌ର ଖୁଦା ସର୍ବଶକ୍ତିମାନ ବୋଲି ପ୍ରମାଣିତ କରି ଦେଖାଇ ଦିଆଯିବ” । ତେଣୁ ଏହି ନିଶାନ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଜୀବନରେ ହିଁ ପୂରଣ ହେବାର ଥିଲା ।

“ପଂଚମ ଉଦ୍ଦେଶ୍ୟ ଏହା ବର୍ଣ୍ଣନା କରାଯାଇଥିଲା ଯେ ଏହା ଦ୍ୱାରା ସେମାନେ ବିଶ୍ୱାସ ଆଣିବେ ଯେ ମୁଁ ତୁମ ସହିତ ଅଛି ।” ଅର୍ଥାତ ଅଲ୍ଲାଃ ତାଲା ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ସହିତ ରହିଛି । “ଯଦି ଏହି ପେଶ୍‌ଗୋଇଟି ଚାରିଶହ ବର୍ଷ ପରେ ପୁରଣ ହେବାର ଥିଲା ତେବେ ଏ ଯୁଗର ଲୋକମାନେ କିପରି ବିଶ୍ୱାସ କରିପାରିଥାନ୍ତେ ଯେ ଖୁଦାତାଲା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସହିତ ଅଛନ୍ତି ବୋଲି । ଷଷ୍ଠ ଉଦ୍ଦେଶ୍ୟ ଏହା ବର୍ଣ୍ଣନା କରାଯାଇଥିଲା ଯେ ଏହାଦ୍ୱାରା ଏପରି ଲୋକମାନଙ୍କ ପାଇଁ ଏକ ସ୍ୱଷ୍ଟ ନିଦର୍ଶନା ମିଳିବ ଯେଉଁମାନେ ଖୁଦାଙ୍କ ଅସ୍ତିତ୍ୱ ଉପରେ ବିଶ୍ୱାସ ଆଣୁନାହାନ୍ତି, ଖୁଦା ଓ ତାହାଙ୍କ ଧର୍ମ ଓ ତାହାଙ୍କ ପୁସ୍ତକ ଏବଂ ତାହାଙ୍କ ରସୁଲ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କୁ ଅସ୍ୱୀକାର କରୁଛନ୍ତି ଓ ମିଥ୍ୟାଚାରୀ ବୋଲି ଅଭିହିତ କରୁଛନ୍ତି ।” ସେମାନଙ୍କ ସାମନାରେ ମୁଁ ଏହି ପେଶ୍‌ଗୋଇ କରୁଛି ଯେ ସେମାନଙ୍କୁ ଇସ୍‌ଲାମ୍‌ର ସତ୍ୟତାର ଏକ ବଡ଼ ସ୍ୱଷ୍ଟ ନିଦର୍ଶନ ମିଳିବ କିନ୍ତୁ ଏହା ଚାରଶହ ବର୍ଷ ପରେ ଯାଇ ମିଳିବ ଯେବେ ବର୍ତମାନ ଯୁଗର ଲୋକମାନେ ବରଂ ସେମାନଙ୍କ ସନ୍ତାନ ଓ ସନ୍ତାନଙ୍କ ସନ୍ତାନମାନଙ୍କ ମଧ୍ୟରୁ କେହି ମଧ୍ୟ ଜୀବିତ ନଥିବେ ।” ଏବେ ଏହା କୌଣସି ବୁଦ୍ଧିମତାର କଥା ନୁହେଁ । ସପ୍ତମ ଉଦ୍ଦେଶ୍ୟ ଆପଣ ଆ:ସ ଏହା ବର୍ଣ୍ଣନା କରିଛନ୍ତି ଯେ ଏହି ଭବିଷ୍ୟବାଣୀ ଏଥିଯୋଗୁଁ କରାଯାଇଅଛି କି ଏହା ଦ୍ୱାରା ଅପରାଧିମାନଙ୍କର କାର୍ଯ୍ୟକଳାପ ପ୍ରକାଶ ହୋଇଯାଉ ଏବଂ ଏହା ଜଣାପଡ଼ିଯାଉ କି ସେମାନେ ମିଥ୍ୟାବାଦୀ ଅଟନ୍ତି । ଚାରିଶହ ବର୍ଷପରେ ଆସିବାକୁ ଥିବା ବ୍ୟକ୍ତି ବିଶେଷଙ୍କଠାରୁ ଏ ଯୁଗର ଲୋକମାନଙ୍କୁ କିପରି ଜଣାପଡ଼ିବ ଯେ ସେହି (ଅପରାଧିମାନେ) ମିଛି କହୁଥିଲେ ବୋଲି ।” *(ଅଲ୍‌ମଉଦ୍, ଅନ୍‌ୱାରୁଲ୍ ଓ୍ୱଲୁମ୍ ଖଣ୍ଡ-୧୭, ପୃ-୫୪୨-୫୪୪)*

ସୁତରାଂ ଏହି ପେଶ୍‌ଗୋଇ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନିଜ ସନ୍ତାନଙ୍କ ସମ୍ବନ୍ଧରେ ଥିଲା । ଯେମିତି ପେଶ୍‌ଗୋଇର ଶବ୍ଦଗୁଡ଼ିକରୁ ଏହା ବାରି ହୋଇପଡୁଛି ଅର୍ଥାତ ତୁମ ଔରଷରୁ ହିଁ ସେ ତୁମର ସନ୍ତାନ ହେବ । ପରବର୍ତୀ ପିଢ଼ିମଧ୍ୟରୁ ନୁହେଁ । ଏ ବଚନ ଆପଣ ଆ:ସଙ୍କ ନିଜ ପୁତ୍ରଙ୍କ ସମ୍ବନ୍ଧରେ ଥିଲା ଯାହା ବହୁତ ବୈଭବର ସହିତ ପୁରଣ ହେଲା । ବାଉନ ବର୍ଷ ପର୍ଯ୍ୟନ୍ତ ହଜ୍‌ରତ୍ ମୁସ୍‌ଲେହ୍ ମଉଦ ର:ଅଙ୍କ ଖିଲାଫତ୍ ଏକ ଉଜ୍ଜ୍ୱଳମୟ ନିଦର୍ଶନା ସ୍ୱରୁପ ସଂସାର ଉପରେ ପ୍ରକାଶିତ ହେଲା ଏବଂ ତାଙ୍କର ଜ୍ଞାନ ଓ ବୁଦ୍ଧିମତା ଦ୍ୱାରା ଅନ୍ୟମାନେ ମଧ୍ୟ ପରିଚିତ ହେଲେ । ଯାହାର ବିବରଣୀ ଯମାତ୍‌ର ଲିଟରଚର ଗୁଡ଼ିକରେ ମହଜୁଦ୍ ଅଛି । ଯଦି ତାହା ସବୁ ବର୍ଣ୍ଣନା କରିବାକୁ ଲାଗିବି ତେବେ ବହୁତ ସମୟ ଲାଗିବ ।

ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି ର:ଅ ନିଜକୁ ମୁସ୍‌ଲେହ୍ ମଉଦ ବୋଲି ଏ ଘୋଷଣା କଲେ । ପ୍ରଥମେ ତାଙ୍କ ଉପରେ ଏ ଅଭିଯୋଗ ଥିଲା ଯେ ଆପଣ ର:ଅ ଏଲାନ୍ (ଘୋଷଣା) କଲେ ନାହିଁ । ୧୯୯୪ ମସିହାରେ ଆପଣ ର:ଅ ଏଲାନ୍ କଲେ । ଏଲାନ୍ କରିବା ସମୟରେ ଆପଣ ର:ଅ କହିଲେ ଯେ, “ମୁଁ ଏହା କହୁଅଛି ଓ ଖୁଦାଙ୍କ ରାଣ ଖାଇ କହୁଅଛି ଯେ ମୁଁ ହିଁ ମୁସ୍‌ଲେହ୍ ମଉଦ୍ ପେଶ୍‌ଗୋଇର ଅନୁରୂପ ଅଟେ ଏବଂ ମତେ ହିଁ ଅଲ୍ଲାଃ ତାଲା ଏହି ଭବିଷ୍ୟବାଣୀ ଗୁଡ଼ିକର ଅବତାରଣାର କାରଣ ବନାଇଛି ଯାହା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଜଣେ ଆସିବାକୁ ଥିବା ପ୍ରତିଶ୍ରୁତଙ୍କ ସମ୍ବନ୍ଧରେ ଭାଷିଥିଲେ । ଯେଉଁ ବ୍ୟକ୍ତି ଏକଥା ଭାବୁଛି ଯେ ମୁଁ ମନଗଢ଼ା କଥା କହୁଛି ବୋଲି ବା ଏ ସମ୍ବନ୍ଧରେ ମିଥ୍ୟା କହୁଛି ବୋଲି, ସେ ଆସି ମୋ ସହିତ ଏ ମାମଲାରେ ମୁବାହିଲା କରିନେଉ ବା ପୁଣି ଅଲ୍ଲାଃଙ୍କ ରାଣ ଖାଇ ଏହା ଘୋଷଣା କରିଦେଉ ଯେ ତାକୁ ଖୁଦା ଏହା କହିଛନ୍ତି କି ମୁଁ ମିଥ୍ୟା କହୁଅଛି । ଏତଦ୍ ଦ୍ୱାରା ଅଲ୍ଲାଃ ତାଲା ସ୍ୱୟଂ ନିଜର ଆକାଶୀୟ ନିଦର୍ଶନ ଜରିଆରେ ଫଏସଲା କରିଦେବ ଯେ କିଏ ମିଥ୍ୟାଚାରୀ ଓ କିଏ ସଦାଚାରୀ ।” ଆପଣଙ୍କର ଯମାତ୍ ଭିତରେ ମଧ୍ୟ ଓ ବାହାରେ ମଧ୍ୟ ଯେଉଁ ବିରୋଧୀମାନେ ଥିଲେ କେହି ଆପଣଙ୍କ ସହିତ ମୁକାବିଲା କରିବାପାଇଁ ଆସିଲେ ନାହିଁ ତେଣୁ ଆପଣ ର:ଅ କହୁଛନ୍ତି ଯେ, ଯଦି ସେମାନେ କହୁଛନ୍ତି କି, ସ୍ୱପ୍ନ ହେଉଛି ସତ୍ୟ ଯେମିତି ମିଶିରି ସାହେବ୍ କହିଛନ୍ତି ଯେ, କେତେ ଲୋକ ମୃତଦ୍ ହୋଇଯାଇଥିଲେ ତେଣୁ ତାହାର ବାସ୍ତବିକତା ଉପରେ ସେ ନିବନ୍ଧ ଲେଖିଲେ । ମୁଁ ତାଙ୍କର ସେହି ନିବନ୍ଧର ଉତର ଦେବି ଏବଂ ମୁଁ ବିଶ୍ୱାସ ରଖିଛି ଯେ, ସେମାନେ ଏହାର ମୁକାବିଲାକୁ ଆସିବେ ତେବେ ଏପରି ପରାଜୟ ବରଣ କରିବେ ଯେ, ବହୁତ ଦିନ ପର୍ଯ୍ୟନ୍ତ ତାକୁ ମନେ ରଖିବେ ସୁତରାଂ ଖୁଦାତାଲାଙ୍କ କୃପା ଓ ଦୟାବଳରୁ ଯେଉଁ ପେଶ୍‌ଗୋଇ ପୁରଣ ହେବା ପାଇଁ ବହୁତ ଦିନ ଅପେକ୍ଷା କରାଯାଉଥିଲା ଅଲ୍ଲାଃ ତାଲା ସେ ସମ୍ବନ୍ଧରେ ନିଜର ଦିବ୍ୟବାଣୀ ଜରିଆରେ ମତେ ବତାଇଦେଲେ ଯେ, ସେହି ପେଶ୍‌ଗୋଇଟି ମୋ ଅସ୍ତିତ୍ୱରେ ହିଁ ପୁରଣ ହୋଇସାରିଛି ଓ ଏବେ ଇସ୍‌ଲାମ୍‌ର ଶତ୍ରୁମାନଙ୍କ ଉପରେ ଅଲ୍ଲାଃ ତାଲାଙ୍କର ତର୍କ ସମ୍ପୂର୍ଣ୍ଣ ହୋଇସାରିଛି ସେ ଏକତା ସ୍ୱଷ୍ଟ କରିଦେଲେ ଯେ, ଇସ୍‌ଲାମ୍ ହେଉଛି ଅଲ୍ଲାଃ ତାଲାଙ୍କର ସତ୍ୟଧର୍ମ, ମୁହମ୍ମଦ ରସଲୁଲ୍ଲାଃ ହେଉଛନ୍ତି ଅଲ୍ଲାଃ ତାଲାଙ୍କର ସଚ୍ଚା ରସୁଲ୍ ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ହେଉଛନ୍ତି ଅଲ୍ଲାଃ ତାଲାଙ୍କ ସଚ୍ଚା ଦୂତ । ଯେଉଁମାନେ ଇସ୍‌ଲାମକୁ ମିଥ୍ୟାବୋଲି କହୁଛନ୍ତି ସେମାନେ ହେଉଛନ୍ତି ମିଥ୍ୟାଚାରୀ । ଯେଉଁ ଲୋକମାନେ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସଙ୍କୁ ମିଥ୍ୟାଚାରୀ ବୋଲି କହୁଛନ୍ତି ସେମାନେ ନିଜେ ହିଁ ମିଛୁଆ । ଖୁଦା ଏହି ମହାନ୍ ପେଶ୍‌ଗୋଇ ଜରିଆରେ ଇସ୍‌ଲାମ୍ ଏବଂ ରସୁଲେ କରିମ୍ ସ:ଆ:ସଙ୍କ ସତ୍ୟତାର ଏକ ଜୀବନ୍ତ ପ୍ରମାଣ ଲୋକମାନଙ୍କ ସମ୍ମୁଖରେ ଉପସ୍ଥାପନ କରିଦେଲେ’’ । ସେ ପୁଣି କହୁଛନ୍ତି ‘‘କୌଣସି ବ୍ୟକ୍ତିର ଏ ଶକ୍ତି ଥିଲା ଯେ, ସେ

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

‘‘ପବିତ୍ର କୋରାନ୍‌କୁ ବୁଝିବା ଓ ତା’ ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)’’

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

**ତାଲିବେ ଦୁଆ:** *Idrish Khan, Jamat Ahmadiyya, Kerang (Odisha)*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

‘‘ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ ମାମଲା ସଫା ହୋଇପାରିବ ନାହିଁ’’

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ, ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

‘‘ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।’’

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Mufleh-u-ddin Khan, Jamat Ahmadiyya, Kerang (Odisha)*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

‘‘ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।’’

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

**ତାଲିବେ ଦୁଆ:** *Sharif-u-ddin Khan, Jamat Ahmadiyya, Kerang (Odisha)*

## ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

‘‘ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା’’

*(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)*

**ତାଲିବେ ଦୁଆ:** *Amiruddin Khan & Family, Jamat Ahmadiyya, Kerang (Odisha)*

## ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

‘‘ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।’’

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

**ତାଲିବେ ଦୁଆ:** *Anisha Begum, Jamat Ahmadiyya, Kerang (Odisha)*

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

**REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750**

Weekly **BADAR** Qadian
ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516

**Postal Reg. No.GDP-40/2020-2022 Vol.5 Thursday 26 Mar 2020 Issue No. 13**

**MANAGER**
NAWAB AHMAD
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

୧୮୮୬ ମସିହାରେ ଆଜିଠାରୁ ପୁରା ୫୮ ବର୍ଷ ପୂର୍ବେ ନିଜ ତରଫରୁ ଏ ଖବର ଦେଇପାରିଥାନ୍ତା ଯେ, ତାଙ୍କ ଘରେ ନଅ ବର୍ଷ ସମୟ ଭିତରେ ଗୋଟିଏ ପୁତ୍ର ଜନ୍ମ ହେବ । ସେ ଶିଘ୍ର ଶିଘ୍ର ବଢ଼ିବ । ସେ ପୃଥିବୀର କୋଣ ଅନୁକୋଣରେ ପ୍ରଶିଦ୍ଧ ହେବ । ସେ ଇସ୍‌ଲାମ୍ ଏବଂ ରସୁଲେ କରିମ୍ ସ:ଆ:ସଙ୍କ ନାମ ଦୁନିଆରେ ପ୍ରଚାର ପ୍ରସାର କରିବ ସେ ଅନ୍ତଃଜ୍ଞାନ ଓ ବ୍ୟାହ୍ୟଜ୍ଞାନରେ ପରିପୂର୍ଣ୍ଣ ହେବ । ସେ ଅଲ୍ଲାଃଙ୍କ ଦର୍ପର ପରିପ୍ରକାଶର କାରଣ ହେବ ଏବଂ ଅଲ୍ଲାଃ ତାଲାଙ୍କ ଶକ୍ତି ତାହାଙ୍କ ସମିପତା ଓ ତାହାଙ୍କ କରୁଣାର ଏକ ଜୀବନ୍ତ ନିଦର୍ଶନ ହେବ । ଏହି ଖବର ଦୁନିଆର କୌଣସି ବ୍ୟକ୍ତି ମଧ୍ୟ ନିଜଆଡୁ ଦେଇପାରିନଥାନ୍ତା । ଖୁଦା ଏହି ଖବର ଦେଲେ ଓ ପୁଣି ସେହି ଖୁଦା ସେହି ଖବରକୁ ପୁରଣ ମଧ୍ୟ କଲେ ସେହି ବ୍ୟକ୍ତିଙ୍କ ଜରିଆରେ'' (ହଜ୍‌ରତ୍ ମୁସ୍‌ଲେହ ମଉଦ୍ ନିଜ ସମ୍ବନ୍ଧରେ ଏକଥା କହୁଥିଲେ ଯେ, ସେହି ଖବରକୁ ସେହି ବ୍ୟକ୍ତିଙ୍କ ଜରିଆରେ ହିଁ ପୂରଣ କଲେ) ''ଯାହାଙ୍କ ସମ୍ବନ୍ଧରେ ଡ଼ାକ୍ତର ମହାଶୟ ଏ ଆଶା ରଖିନଥିଲେ ଯେ, ସେ ବଂଚି ରହିବ ବା ଦୀର୍ଘାୟୁ ହେବ'' ଅର୍ଥାତ ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅଙ୍କର ଆରମ୍ଭରେ ଯେଉଁ ସ୍ୱାସ୍ଥ୍ୟାବସ୍ଥା ଥିଲା ତାକୁ ଦେଖି ଡ଼ାକ୍ତରମାନେ ଏ ଆଶା ରଖିନଥିଲେ ଯେ, ସେ ଜିବୀତ ରହିବେ ବୋଲି । ସେ ଯାହା ହେଉ ପୁଣି ଆଗକୁ ସେ ନିଜ ସମ୍ବନ୍ଧରେ ବର୍ଣ୍ଣନା କରୁଛନ୍ତି ଯେ, ''ମୋ ସ୍ୱାସ୍ଥ୍ୟ ପିଲାଦିନେ ଏତେମାତ୍ରାରେ ଖରାପ ଥିଲା ଯେ, ଏକଦା ଡ଼ାକ୍ତର ମିର୍ଜା ୟାକୁବ୍ ବେଗ୍ ସାହେବ୍ ମୋ ସମ୍ବନ୍ଧରେ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କୁ କହିଦେଲେ ଯେ, ଏହାଙ୍କୁ ସିଲ୍ ବିମାରୀ ହୋଇଯାଇଛି ତେଣୁ ଏହାଙ୍କୁ କୌଣସି ପାହାଡ଼ିଆ ସ୍ଥାନକୁ ପଠାଇ ଦିଆଯାଉ ତେଣୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ମତେ ସିମ୍‌ଲା ପଠାଇଦେଲେ କିନ୍ତୁ ସେଠାରେ ଯାଇ ମୁଁ ଦୁଖି ହୋଇଗଲି ସେଥିଯୋଗୁଁ ଖୁବ୍ ଶିଘ୍ର ଲେଉଟି ଆସିଲି । ସୁତରାଂ ଏପରି ବ୍ୟକ୍ତି ଯାହାର ସ୍ୱାସ୍ଥ୍ୟବସ୍ଥା କେବେ ଗୋଟିଏ ଦିନ ମଧ୍ୟ ଠିକ୍ ନଥିଲା ସେହି ବ୍ୟକ୍ତିକୁ ଖୁଦା ଜୀବିତ ରଖିଲେ ଏବଂ ଏଥିପାଇଁ ଜୀବିତ ରଖିଲେ ଯେ, ତା ଜରିଆରେ ନିଜ ଭବିଷ୍ୟବାଣୀଗୁଡ଼ିକୁ ପୁରଣ କରିବେ । ଇସ୍‌ଲାମ୍ ଏବଂ ଅହେମଦୀୟତର ସତ୍ୟତାର ପ୍ରମାଣ ଲୋକମାନଙ୍କ ସମ୍ମୁଖରେ ଉପସ୍ଥାପନ କରିବେ । ପୁଣି ମୁଁ ସେହି ବ୍ୟକ୍ତି ଥିଲି ଯାହାଙ୍କୁ ବ୍ୟାହ୍ୟଜ୍ଞାନ ରୁ କୌଣସି ଜ୍ଞାନ ହାସଲ ନଥିଲା କିନ୍ତୁ ଅଲ୍ଲାଃ ତାଲା ନିଜର କୃପାବଳରୁ ଫିରସ୍ତାମାନଙ୍କୁ ମୋ ପ୍ରଶିକ୍ଷଣ କରିବାପାଇଁ ପଠାଇଲେ ଏବଂ ମତେ ପବିତ୍ର କୋରାନ୍ ର ଅର୍ଥ ବାବଦରେ ସୂଚନା ଦେଲେ ଯାହା କୌଣସି ବ୍ୟକ୍ତିର ଚିନ୍ତାରେ ମଧ୍ୟ ଆସିପାରିନଥିଲା । ଯେଉଁ ଜ୍ଞାନ ମତେ ଖୁଦାତାଲା ପ୍ରଦାନ କଲେ । ସେହି ଆଧାତ୍ମିକ ଝରଣା ଯାହା ମୋ ହୃଦୟ ଭିତରେ ପସ୍ଫୁଟିତ ହେଲା ତାହା ମନଗଢ଼ା ବା ଅନୁମାନିକ ନଥିଲା ବରଂ ଏପରି ଦୃଢ଼ ବିଶ୍ୱାସ ଯେ, ମୁଁ ସାରା ଦୁନିଆକୁ ଚ୍ୟାଲେଞ୍ଜ ଦେଉଛି କି, ଯଦି ଏ ପୃଥିବୀ ପୃଷ୍ଠରେ ଏପରି କୌଣସି ବ୍ୟକ୍ତି ଅଛି ଯିଏ ଏହା ଦାବି କରୁଥିବ ଯେ, ଅଲ୍ଲାଃ ତାଲାଙ୍କ ତରଫରୁ ତାଙ୍କୁ ପବିତ୍ର କୋରାନ୍ ଶିଖାଇ ଦିଆଯାଇଅଛି ତେବେ ମୁଁ ସର୍ବଦା ତା ସହିତ ମୁକାବିଲା କରିବାପାଇଁ ପ୍ରସ୍ତୁତ ଅଛି ।'' ଏହି ଚ୍ୟାଲେଞ୍ଜ ସେ, ସେ ଯୁଗରେ ଦେଇଥିଲେ । ପୁଣି ସେ କହୁଛନ୍ତି ''କିନ୍ତୁ ମୁଁ ଜାଣିଛି ଆଜି ଏ ଧରାପୃଷ୍ଠରେ ମୋ ବ୍ୟତିତ ଆଉ କୌଣସି ବ୍ୟକ୍ତି ନାହାନ୍ତି ଯାହାକୁ ଅଲ୍ଲାଃ ତାଲାଙ୍କ ତରଫରୁ ପବିତ୍ର କୋରାନ୍‌ର ଶିକ୍ଷା ଦିଆଯାଇଥିବ । ଖୁଦା ମତେ ପବିତ୍ର କୋରାନ୍‌ର ଜ୍ଞାନ ପ୍ରଦାନ କରିଛନ୍ତି ଏବଂ ସେ ଯୁଗରେ ମତେ ସେ କୁର୍‌ଆନ୍ ଶିଖାଇବା ପାଇଁ ମତେ ଦୁନିଆର ଶିକ୍ଷକରୂପେ ନିଯୁକ୍ତି ଦିଆଯାଇଛି । ଖୁଦା ମତେ ଏହି ଉଦ୍ଦେଶ୍ୟପାଇଁ ଛିଡ଼ା କରିଛନ୍ତି ଯେ, ମୁଁ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସ ଓ ପବିତ୍ର କୁରାନ୍‌ର ନାମକୁ ପୃଥିବୀର କୋଣ ଅନୁକୋଣ ପର୍ଯ୍ୟନ୍ତ ପହଂଚାଇବି ଏବଂ ଇସ୍‌ଲାମ୍‌ର ମୁକାବିଲାରେ ଦୁନିଆର ସମସ୍ତ ମିଥ୍ୟା ଧର୍ମଗୁଡ଼ିକୁ ସଦାସର୍ବଦା ପାଇଁ ହରାଇଦେବି । ଏ ଦୁନିଆ ଜୋର୍ ଲଗାଉ ସେ ତା'ର ସବୁଯାକ ଶକ୍ତି ଏବଂ ସାମର୍ଥ୍ୟକୁ ଏକାଠି କରିନେଉ, ଇସାଇ ସମ୍ରାଟ ମଧ୍ୟ ଓ ତାଙ୍କ ସରକାର ଗୁଡ଼ିକ ମଧ୍ୟ ମିଶିଯାଆନ୍ତୁ, ୟୁରୋପ ଆମେରିକା ମଧ୍ୟ ଏକାଠି ହୋଇଯାଆନ୍ତୁ ପୃଥିବୀର ବଡ଼ ବଡ଼ ଧନୀ ଓ ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକ ଏକାଠି ହୋଇଯାଆନ୍ତୁ ଓ ସେମାନେ ମତେ ମୋର ଏହି ଉଦ୍ଦେଶ୍ୟରେ ଅସଫଳ କରିବାପାଇଁ ଏକତ୍ରୀତ ହୋଇଯାଆନ୍ତୁ ଏହା ସତ୍ୱେ ମଧ୍ୟ ମୁଁ ଈଶ୍ୱରଙ୍କର ରାଣ ଖାଇ କହୁଛି ଯେ, ସେମାନେ ସମସ୍ତେ ମୋ ମୁକାବିଲାରେ ଅସଫଳ ରହିବେ ଏବଂ ଖୁଦାତାଲା ମୋ ଦୁଆ ଓ ଯୋଜନାର ସମ୍ମୁଖରେ ସେମାନଙ୍କର ସମସ୍ତ ଯୋଜନାକୁ ମାଟିରେ ମିଶାଇ ଦେବ ଏବଂ ଖୁଦାତାଲା ମୋ ଜରିଆରେ ବା ମୋ ଶିଷ୍ୟ ଏବଂ ଅନୁଯାୟୀମାନଙ୍କ ଜରିଆରେ ଏହି ପେଶ୍‌ଗୋଇର ସତ୍ୟତାକୁ ପ୍ରମାଣ କରିବାପାଇଁ ରସୁଲେ କରିମ୍ ସ:ଆ:ସଙ୍କ ନାମର ପ୍ରତିବଦଳରେ ଏବଂ ସଦ୍‌କାର ପ୍ରତି ବଦଳରେ ଇସ୍‌ଲାମ୍‌ର ସମ୍ମାନକୁ ପ୍ରତିଷ୍ଠା କରିଦେବ ଏବଂ ସେ ପର୍ଯ୍ୟନ୍ତ ଦୁନିଆକୁ ଛାଡ଼ିବ ନାହିଁ ଯେ ପର୍ଯ୍ୟନ୍ତ ଇସ୍‌ଲାମ୍ ପୁଣି ନିଜର ବୈଭବର ସହିତ ଦୁନିଆରେ ପ୍ରତିଷ୍ଠା ନ ହୋଇଯାଇଛି ଏବଂ ଯେ ପର୍ଯ୍ୟନ୍ତ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଜୀବନ୍ତ ନବୀ ରୂପେ ସ୍ୱୀକାର ନ କରାଯାଇଛି ।

ସୁତରାଂ ଏହା କୌଣସି ମାମୁଲି ଘୋଷଣା ନଥିଲା ଯେମିତି କି ମୁଁ କହିଲି ତାଙ୍କର ଯେଉଁ ଖିଲାଫତ୍‌ର ୫୨ ବର୍ଷର ଯୁଗ ଥିଲା ତାହାର ପ୍ରତ୍ୟେକ ଦିନ ବୈଭବ ପରିପ୍ରକାଶ ହେଉଥିଲା । ପୁଣି ସେ କହୁଛନ୍ତି ଯେ, ''ହେ ମୋର ବନ୍ଧୁମାନେ ! ମୁଁ ମୋ ନିଜ ପାଇଁ କୌଣସି ସମ୍ମାନ ପାଇବାର ଇଚ୍ଛା ରଖିନାହିଁ ନା ମୁଁ କୌଣସି ଅଧିକ ବୟସ ପାଇବାର ଆଶା ରଖିଛି ହଁ ଖୁଦାତାଲାଙ୍କ କୃପା ପାଇବାକୁ ମୁଁ ଆଶା ରଖିଛି ଏବଂ ମୁଁ ସମ୍ପୂର୍ଣ୍ଣ ବିଶ୍ୱାସ ରଖିଛି ଯେ, ରସୁଲେ କରିମ୍ ସ:ଆ:ସ ଏବଂ ଇସ୍‌ଲାମ୍‌ର ସମ୍ମାନ ପ୍ରତିଷ୍ଠାରେ ଏବଂ ଇସ୍‌ଲାମ୍‌କୁ ପୁନର୍ବାର ନିଜ ଗୋଡ଼ ଉପରେ ଛିଡ଼ା କରିବାପାଇଁ ଏବଂ ଖ୍ରୀଷ୍ଟିୟାନଜିମ୍‌କୁ ଦଳିଦେବାରେ ମୋର ବିଗତ ବା ଆସନ୍ତା କାର୍ଯ୍ୟ ଇନ୍‌ଶାଅଲ୍ଲାଃ ବହୁତ କିଛି ଭାଗିଦାରୀ ହେବ ଏବଂ ସେହି ଗୋଇଠି ଯାହା ସଇତାନର ମୁଣ୍ଡକୁ ଦଳି ଦେବ ଏବଂ ଖ୍ରୀଷ୍ଟିୟାନଜିମକୁ ନିଃଶେଷ କରିବ ସେହି ଗୋଇଠିମାନଙ୍କ ମଧ୍ୟରୁ ମୋର ମଧ୍ୟ ଗୋଟିଏ ହେବ, ଇନ୍‌ଶଅଲ୍ଲାଃ ତାଲା ମୁଁ ଏହି ସତ୍ୟତାକୁ ଅତ୍ୟନ୍ତ ସ୍ୱଷ୍ଟଭାବେ ସାରା ପୃଥିବୀ ସମ୍ମୁଖରେ ଉପସ୍ଥାପନ କରୁଅଛି ଏହି ସ୍ୱର ହେଉଛି ପୃଥିବୀ ଓ ଆକାଶର ଖୁଦାଙ୍କ ସ୍ୱର ଏ ଇଚ୍ଛା ହେଉଛି ପୃଥିବୀ ଓ ଆକାଶର ଖୁଦାଙ୍କ ଇଚ୍ଛା । ଏହି ସତ୍ୟତା ଟଳିବ ନାହିଁ, ଟଳିବ ନାହିଁ ଏବଂ ଟଳିବ ନାହିଁ । ଇସ୍‌ଲାମ୍ ଏ ପୃଥିବୀ ଉପରେ ବିଜୟ ପ୍ରାପ୍ତ କରିବ ଇନ୍‌ଶାଅଲ୍ଲାଃ ତାଲା । ପୃଥିବୀରେ ଖ୍ରୀଷ୍ଟିୟାନଜିମ ହାର୍ ମାନିଯିବ ଏବେ କୌଣସି ସାହାରା ନାହିଁ ଯାହା ଖ୍ରୀଷ୍ଟିୟାନଜିମକୁ ମୋ ଆକ୍ରମଣରୁ ବଂଚାଇପାରିବ । ଖୁଦା ମୋ ହାତ ଦ୍ୱାରା ସେମାନଙ୍କୁ ହରାଇ ଦେବ, ମୋ ଜୀବନକାଳ ଭିତରେ ହିଁ ତାକୁ ଏଭଳି ଦଳି ରଖିଦେବ ଯେ, ସେ ମୁଣ୍ଡ ଉଠାଇବା ପାଇଁ ମଧ୍ୟ ଶକ୍ତି ପାଇବେ ନାହିଁ ଅବା ପୁଣି ମୋ ଦ୍ୱାରା ଲଗାଯାଇଥିବା ମଞ୍ଜିରୁ ଏପରି ବୃକ୍ଷ ସୃଷ୍ଟି କରିବ ଯାହା ସମ୍ମୁଖରେ ଇସାଇୟତ ଗୋଟିଏ ଶୁଖିଲା ବୁଦା ସଦୃଶ ଝାଉଁଳି ରହିଯିବ ଓ ପୃଥିବୀରେ ଚାରିଆଡ଼େ ଇସ୍‌ଲାମ ଏବଂ ଅହେମଦୀୟତର ଧ୍ୱଜା ଅତ୍ୟନ୍ତ ଉଚ୍ଚ ସ୍ଥାନରେ ଉଡୁଥିବାର ଦେଖିବାକୁ ମିଳିବ । ମୁଁ ଏ ଅବସରରେ ଯେଉଁଠି ଆପଣମାନଙ୍କୁ ଏ ସୁସମାଚାର ଦେଉଅଛି ଯେ, ଖୁଦାତାଲା ଆପଣମାନଙ୍କ ସମ୍ମୁଖରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଏହି ପେଶ୍‌ଗୋଇକୁ ପୁରଣ କରିଦେଲେ ଯାହା ମୁସ୍‌ଲେହ୍ ମଉଦ୍‌ଙ୍କ ସହିତ ସମ୍ବନ୍ଧ ରଖିଥିଲା ସେଠାରେ ମୁଁ ଆପଣମାନଙ୍କୁ ଏହି ଦାୟିତ୍ୱ ଓ କର୍ତବ୍ୟଗୁଡ଼ିକ ପ୍ରତି ମଧ୍ୟ ଧ୍ୟାନ ଆକର୍ଷଣ କରାଉଛି ।'' ହଜୁର ଅନୱର କହୁଛନ୍ତି ସେହି ସବୁ ଦାୟିତ୍ୱଗୁଡ଼ିକ ଆଜି ମଧ୍ୟ ଆମପାଇଁ ଉଦ୍ଦିଷ୍ଟ । ''ଯାହା ଆପଣମାନଙ୍କ ଉପରେ ଧାର୍ଯ୍ୟ କରାଯାଉଅଛି ଆପଣମାନେ ମୋର ଏହି ଘୋଷଣାର ସାକ୍ଷୀ ଅଛନ୍ତି ଯେଉଁମାନେ ତସ୍‌ଦିକ୍ କରୁଛନ୍ତି ଯେ, ମୁଁ ହେଉଛି ମୁସ୍‌ଲେହ୍ ମଉଦ୍ । ଆପଣମାନଙ୍କର ପ୍ରାଥମିକ କର୍ତବ୍ୟ ହେଉଛି ଏହା କି, ନିଜ ଭିତରେ ପରିବର୍ତନ ସୃଷ୍ଟି କରନ୍ତୁ ଏବଂ ନିଜ ରକ୍ତର ଶେଷ ବିନ୍ଦୁ ପର୍ଯ୍ୟନ୍ତ ଇସ୍‌ଲାମ୍ ଏବଂ ଅହେମଦୀୟତର ବିଜୟ ଓ ସଫଳତା ପାଇଁ ପ୍ରସ୍ତୁତ ହୋଇଯାଆନ୍ତୁ ଅବଶ୍ୟ ଆପଣମାନେ ଆନନ୍ଦିତ ହୋଇପାରିବେ ।'' ହଜୁର ଅନୱର କହୁଛନ୍ତି ପେଶ୍‌ଗୋଇର ପରିପ୍ରକାଶ ପାଇଁ ଖୁସି ହୋଇଥାଏ ତେଣୁ ଆପଣମାନେ ଖୁସି ହୋଇପାରିବେ । ''ଅର୍ଥାତ ଖୁଦା ଏହି ପେଶ୍‌ଗୋଇକୁ ପୁରଣ କଲେ ବରଂ ମୁଁ କହୁଅଛି ଯେ, ଆପଣମାନଙ୍କୁ ନିଶ୍ଚିତରୂପେ ଖୁସୀ ହେବା ଉଚିତ କାରଣ ହଜ୍‌ରତ୍ ମସିହ୍ ମଉଦ ଆ:ସ ନିଜେ ଏକଥା ଲେଖିଛନ୍ତି କି, ତୁମେ ଖୁସି ହୁଅ ଏବଂ ଆନନ୍ଦରେ ଡ଼ିଆଁ ମାର'' ଏହି ପେଶ୍‌ଗୋଇ ପରେ ହଜ୍‌ରତ୍ ମସିହ୍ ମଉଦ ଆ:ସ କହିଲେ ଖୁସିରେ କୁଦା ମାର । ''ଅର୍ଥାତ ଏହାପରେ ଏବେ ଆଲୋକ ଆସିବ'' ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅ କହୁଛନ୍ତି ''ତେଣୁ ମୁଁ ତୁମକୁ ଆନନ୍ଦିତ ହେବାପାଇଁ ରୋକୁ ନାହିଁ । ମୁଁ ତୁମକୁ ଡ଼ିଆଁ କୁଦା କରିବାପାଇଁ ରୋକୁ ନାହିଁ । ଏହି ପେଶ୍‌ଗୋଇ ପରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଲେ ଖୁସିରେ ଡ଼ିଆଁ ମାର ଅର୍ଥାତ ତା'ପରେ ଏବେ ଆଲୋକ ଆସିବ ।'' ପୁଣି ସେ କହିଲେ ''ଅତଃ ମୁଁ ତୁମମାନଙ୍କୁ ଖୁସି ମନାଇବାକୁ ରୋକୁ ନାହିଁ । ମୁଁ ତୁମମାନଙ୍କୁ ଆନନ୍ଦରେ ବିଭୋର ହେବାପାଇଁ ରୋକୁ ନାହିଁ । ଅବଶ୍ୟ ତୁମେମାନେ ଖୁସି ମନାଓ ଏବଂ ଖୁସିରେ ନାଚ କିନ୍ତୁ ମୁଁ କହୁଛି ଯେ ଏହି ଖୁସି ଓ ନାଚକୁଦ ରେ ତୁମେ ନିଜର ଦାୟିତ୍ୱକୁ ଭୁଲି ନଯାଅ । ଯେମିତି ଖୁଦା ମତେ ସ୍ୱପ୍ନରେ ଦେଖାଇଥିଲେ ଯେ ମୁଁ ଜୋର୍‌ରେ ଦଉଡ଼ି ଦଉଡ଼ି ଚାଲି ଯାଉଛି ଓ ପୃଥିବୀ ମୋ ପାଦତଳେ ସଙ୍କୁଚିତ ହୋଇ ଯାଉଅଛି । ସେହିପରି ଅଲ୍ଲାଃ ତାଲା ସ୍ୱର୍ଗବାଣୀ କରି ମୋ ସମ୍ବନ୍ଧରେ ଏ ଖବର ଦେଇଛନ୍ତି ଯେ ମୁଁ ଶିଘ୍ରଶିଘ୍ର ବଢ଼ିବି । ସୁତରାଂ ମୋ ପାଇଁ ଏ ନିୟତି ରିହଛି ଯେ ମୁଁ ଶିଘ୍ର ଶିଘ୍ର ଓ ଜୋର୍ ଜୋର୍‌ରେ ନିଜର ପାଦକୁ ଉନ୍ନତିର କ୍ଷେତ୍ର ଭୁମିରେ ବଢ଼ାଇ ଚାଲିବି । କିନ୍ତୁ ତତ୍‌ସହିତ ଆପଣମାନଙ୍କର ମଧ୍ୟ ଏ ଦାୟିତ୍ୱ ଯେ ନିଜର ପାଦକୁ ଶିଘ୍ରଶିଘ୍ର ପକାନ୍ତୁ ଓ ନିଜର ଅଳସୁଆମିକୁ ପରିତ୍ୟାଗ କରନ୍ତୁ । ସେ ହେଉଛି ସୌଭାଗ୍ୟବାନ ଯିଏ ମୋ ପାଦ ସହିତ ନିଜ ପାଦ ମିଳାଇ ଶିଘ୍ରଶିଘ୍ର ଉନ୍ନତିର ମଇଦାନରେ ଦଉଡ଼ି ଦଉଡ଼ି ଚାଲିଛି । ଏବଂ ଅଲ୍ଲାଃ ତାଲା ଏପରି ବ୍ୟକ୍ତିଙ୍କ ଉପରେ ଦୟା କରନ୍ତୁ ଯିଏ ଅଳସୁଆମି ଓ ହେଳା କରୁଅଛି ଓ ନିଜ ପାଦକୁ ଶିଘ୍ରଶିଘ୍ର ପକାଇ ନାହିଁ ଏବଂ ମଇଦାନରେ ଆଗକୁ ବଢ଼ିବା ପରିବର୍ତେ ମୁନାଫିକ୍‌ମାନଙ୍କ ପରି ନିଜ ପାଦକୁ ପଛରେ ପକାଉଛି । ଯଦି ତୁମେମାନେ ଉନ୍ନତି କରିବାକୁ ଚାହୁଁଅଛ । ଯଦି ତୁମେମାନେ ନିଜର କର୍ତବ୍ୟକୁ ସଠିକ୍ ରୂପେ ବୁଝୁଅଛ ତେବେ ପାଦରେ ପାଦ ମିଶାଇ କାନ୍ଧରେ କାନ୍ଧ ମିଶାଇ ମୋ ସହିତ ଆଗକୁ ବଢ଼ିଚାଲ ଯଦ୍ୱାରା ଆମେ କୁଫର୍ (ଅମାନ୍ୟକାରୀ) ର ହୃଦୟ ଭିତରେ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସଙ୍କ ଧ୍ୱଜାକୁ ସ୍ଥାପନ କରିନେବା ଏବଂ ମିଥ୍ୟାକୁ ସବୁ ବେଳପାଇଁ ଏ ମହିମଣ୍ଡଳରୁ ସମାପ୍ତ କରିଦେବା । ଇନ୍‌ଶାଅଲ୍ଲାଃ ଏପରି ହିଁ ହେବ । ପୃଥିବୀ ଓ ଆକାଶ ଟଳିପାରେ କିନ୍ତୁ ଖୁଦାତାଲାଙ୍କ କଥା ଟଳିପାରିବ ନାହିଁ ।''

*(ଅଲ୍‌ମଉଦ୍, ଅନ୍‌ୱାରୁଲ୍ ଉଲୁମ୍, ଖଣ୍ଡ-୧୭, ପୃ-୬୪୫-୬୪୯)*

ଅଲ୍ଲାଃ ତାଲା ଆମକୁ କାମ କରିବା ପାଇଁ ଶକ୍ତିପ୍ରଦାନ କରନ୍ତୁ, ଆମେ କେବଳ ଜଲ୍‌ସା ମୁସ୍‌ଲେହ୍ ମଉଦ୍ ପାଳନ କରିବା ବାଲା ନ ହୁଅନ୍ତୁ ବରଂ ଇସ୍‌ଲାମ୍‌ର ବାର୍ତାକୁ ପୃଥିବୀରେ ପ୍ରଚାର କରିବାବାଲା ହୁଅନ୍ତୁ । କେବଳ ଏକଥାରେ ଖୁସି ନ ହୁଅନ୍ତୁ ଯେ ଆମେ ଜଲ୍‌ସା ପାଳନ କରୁଅଛେ ବରଂ ବାସ୍ତବିକ ରୂପେ ଆମେ ଏହି ମିଶନ୍‌କୁ ଆଗକୁ ବଢ଼ାଇବାବାଲା ହୁଅନ୍ତୁ । ସେହି କାର୍ଯ୍ୟକୁ ଆଗକୁ ବଢ଼ାଇବାବାଲା ହେବା ଯାହା ପାଇଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଅଲ୍ଲାଃ ତାଲା ପ୍ରେରଣ କରିଥିଲେ ଏବଂ ଯାହା ପାଇଁ ସେ ଅଗଣତି ପେଶ୍‌ଗୋଇ ମଧ୍ୟ କରିଛନ୍ତି । ସେଥିମଧ୍ୟରୁ **ମୁସ୍‌ଲେହ୍ ମଉଦ୍** ପେଶ୍‌ଗୋଇ ମଧ୍ୟ ଗୋଟିଏ ।

ମୁସ୍‌ଲେହ ମଉଦଙ୍କ କାର୍ଯ୍ୟଗୁଡ଼ିକ ମଧ୍ୟରୁ କେବଳ ଗୋଟିଏ ପାର୍ଶ୍ୱକୁ ଏଠାରେ ମୁଁ ସଂକ୍ଷିପ୍ତରେ ବର୍ଣ୍ଣନା କରିଦେଉଅଛି । ପେଶ୍‌ଗୋଇରେ ଏ ବାକ୍ୟ ଅଛି କି **ଅନ୍ତଃ ଓ ବାହ୍ୟଜ୍ଞାନରେ ପରିପୂର୍ଣ୍ଣ ହେବେ** । ତାଙ୍କର ଯେଉଁ କିର୍ତୀ ରହିଛି ତାହାର ଗୋଟିଏ ଝଲକ ମୁଁ

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**